

ଯଦି ଜଣେ ଏକାକୀ ଖଣ୍ଡା ଧରି ଦଳେ ସଶସ୍ତ୍ର ଡକାୟତଙ୍କ ବିରୋଧରେ ସଂଗ୍ରାମ କରେ, ତେବେ ତାହା ଅହିଂସାତ୍ମକ ହେବ ବୋଲି ମୁଁ କହିବି।
- ମହାତ୍ମା ଗାନ୍ଧୀ

# ଭୁବନେଶ୍ୱରରେ ଦେଶର ପ୍ରଥମ ମୁକ୍ତାକାଶ ସ୍ଥାପତ୍ୟ ପାର୍କ

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ଭୁବନେଶ୍ୱର କଳିଙ୍ଗନଗରଠାରେ ଦେଶର ସର୍ବପ୍ରଥମ ସାର୍ବଜନୀନ ସ୍ଥାୟୀ ମୁକ୍ତାକାଶ ସ୍ଥାପତ୍ୟ ପାର୍କର ନିର୍ମାଣ କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ଆର୍ଟିଷ୍ଟ ନେଟ୍‌ୱାର୍କ ପ୍ରମୋଟିଂ ଇଣ୍ଡିଆନ୍ କଲ୍‌ଚର(ଆନ୍‌ପିକ୍) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଆର୍ଟ ସିମ୍ପୋଜିୟମ୍ ବର୍ଜ୍ୟବସ୍ତୁ ଥିମ୍‌କୁ ନେଇ ପ୍ରସ୍ତୁତ ହେଉଥିବା ବେଳେ ଏଥିରେ ବିଶ୍ୱର ୧୪ ଦେଶରୁ ପ୍ରସିଦ୍ଧ ଲାଭ କରିଥିବା ଦକ୍ଷ ତଥା କୁଶଳୀ ଶିଳ୍ପୀ ଯୋଗଦେଇଛନ୍ତି। ୨୦ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ଶିଳ୍ପୀମାନେ ବର୍ଜ୍ୟବସ୍ତୁକୁ ନେଇ ଆକର୍ଷଣୀୟ ସ୍ଥାପତ୍ୟମାନ ନିର୍ମାଣ କରିବେ, ଯାହାକି ପରବର୍ତ୍ତୀ ସମୟରେ ଏକ ସାର୍ବଜନୀନ ସ୍ଥାୟୀ ମୁକ୍ତାକାଶ ମୂର୍ତ୍ତିକଳା ପ୍ରଦର୍ଶନୀ ସଂଗ୍ରହାଳୟର ରୂପନେବ।

ଏହି ଆର୍ଟ ସିମ୍ପୋଜିୟମ୍‌କୁ ବିଡିଏ ପକ୍ଷରୁ ମନୋଜ କୁମାର ମହାନ୍ତି, ଭବାନୀ ଶଙ୍କର ଚଇନି, ସୁପର୍ଣ୍ଣା ସୁରଭିତା ଦାସ, ବିଏମ୍‌ସି ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର, ଆନ୍‌ପିକ୍‌ର ମ୍ୟାନେଜିଂ ଟ୍ରଷ୍ଟି ଶଶାଙ୍କ ମହାପାତ୍ର, ଆଇପାସ୍‌ର କ୍ୟୁରେଟର କ୍ଷିତୀଶ୍ ଦାସ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶଶାଙ୍କ ମହାପାତ୍ର କହିଥିଲେ, ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା, ରାଜ୍ୟର ଯୁବ କଳାକାରମାନଙ୍କୁ ଏକ ନୂଆ ପ୍ଲାଟଫର୍ମ ଦେବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଅନ୍ତର୍ଜାତୀୟସ୍ତରୀୟ ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ସ୍ଥପତି ଲୋକମାନଙ୍କୁ କଳା ପ୍ରତି ଆକୃଷ୍ଟ କରିବ। ଏହାବ୍ୟତୀତ ଓଡ଼ିଶାର କଳା ଓ ସ୍ଥାପତ୍ୟକୁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଦିଗରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ସିମ୍ପୋଜିୟମ୍‌ରେ ସ୍ପେନ୍, ଆୟାରଲାଣ୍ଡ, କାନାଡା, ନ୍ୟୁଜିଲାଣ୍ଡ, ଆର୍ଜେଣ୍ଟିନା, ଚାଇନା, ବେଲ୍‌ଜିୟମ୍, ଅଷ୍ଟ୍ରେଲିଆ, ନେଦରଲ୍ୟାଣ୍ଡ, ମାଲେସିଆ, ଦକ୍ଷିଣ ଆଫ୍ରିକା ଆଦି ଦେଶରୁ ଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ଓ ଓଡ଼ିଆ ଶିଳ୍ପୀ ମଧ୍ୟ ଏଥିରେ ରହିଛନ୍ତି। ବର୍ଜ୍ୟବସ୍ତୁ କେବଳ ବର୍ଜ୍ୟ ନୁହେଁ, ଏହାମଧ୍ୟରୁ ଅନେକ ସୁନ୍ଦର ସ୍ଥାପତ୍ୟ ନିର୍ମାଣ କରାଯାଇପାରିବ। ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଦାନ ସହ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ଫୋପାଡ଼ି ତାହାର ପୁନଃ ବିନିଯୋଗ କରାଯାଇପାରିବ। ସହରର ସୌନ୍ଦର୍ଯ୍ୟକରଣରେ ଏହା ବିଶେଷ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ମାର୍ଟ ସିଟି ଭୁବନେଶ୍ୱରରେ ବର୍ଜ୍ୟବସ୍ତୁ ଆଧାରିତ ଏହି ମୁକ୍ତାକାଶ ସ୍ଥାପତ୍ୟ ପାର୍କ ରାଜ୍ୟବାସୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଏବଂ ଅଦରକାରୀ ବସ୍ତୁର ପୁନଃ ବିନିଯୋଗ ପାଇଁ ସଚେତନତା ସୃଷ୍ଟି କରିବ। ଏହାସହ ସାମାଜିକ ଏବଂ ସାଂସ୍କୃତିକ କଳା ଜରିଆରେ ଏହା ଧର୍ମ ନିରପେକ୍ଷତାର ପ୍ରଚାର ପ୍ରସାର କରିବ। ଓଡ଼ିଶାର ବିରଳ ଅଲିଭ୍ ରିଡ୍‌ଲେ କଇଁଛ, ହାତୀ, ନୀଳଗିରି ତହର, ବେଙ୍ଗଲ ଟାଇଗର, କୃଷ୍ଣସାର ମୃଗ, ଚିତାବାଘ ଆଦିଙ୍କ ସୁରକ୍ଷା ପାଇଁ ଏହା ବାର୍ତ୍ତା ଦେବ।



ସ୍ଥାପତ୍ୟ ନିର୍ମିତ ହେବାକୁ ଥିବା ବର୍ଜ୍ୟବସ୍ତୁକୁ ଶିଳ୍ପୀମାନେ ଦେଖୁଛନ୍ତି।

- ବର୍ଜ୍ୟବସ୍ତୁକୁ ନେଇ ଆକର୍ଷଣୀୟ ସ୍ଥାପତ୍ୟ
- ୨୦ ଦିନ ଧରି ନିର୍ମାଣ କରିବେ ଦେଶ, ବିଦେଶର ଶିଳ୍ପୀ
- ସାର୍ବଜନୀନ ମୁକ୍ତାକାଶ ମୂର୍ତ୍ତିକଳା ପ୍ରଦର୍ଶନୀ ସଂଗ୍ରହାଳୟର ରୂପନେବ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଓ ଅନ୍ୟମାନେ।

# 'ପ୍ରାଣୀ ସମ୍ପଦ ବିକାଶରେ କୃଷକଙ୍କ ଆୟବୃଦ୍ଧି ସମ୍ଭବ'

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ ଚାଷ, ପ୍ରାଣୀ ସମ୍ପଦ ଓ ମତ୍ସ୍ୟଚାଷ ଅଙ୍ଗାଙ୍ଗୀଭାବେ ଜଡିତ ଓ ପରସ୍ପର ନିର୍ଭରଶୀଳ। ପ୍ରାଣୀ ସମ୍ପଦ ରାଜ୍ୟର କୃଷକମାନଙ୍କ ଆୟବୃଦ୍ଧି ସହିତ ସେମାନଙ୍କ ଜୀବିକା ନିର୍ବାହରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପ୍ରାଣୀ ସମ୍ପଦର ବିକାଶ ତଥା ଗୁଣାତ୍ମକ ମାନରେ ବୃଦ୍ଧି ଘଟିଲେ କୃଷକଙ୍କ ଆୟବୃଦ୍ଧି ହୋଇପାରିବ। ଏହା ସଙ୍ଗେସଙ୍ଗେ ରାଜ୍ୟରେ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇପାରିବ। ଏହାଦ୍ୱାରା ରାଜ୍ୟରୁ ପୁଷ୍ଟିହୀନତା ଦୂର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଗୁରୁବାର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ 'ପ୍ରାଣୀ ସମ୍ପଦର ଗୁଣାତ୍ମକମାନ ବୃଦ୍ଧି ମାଧ୍ୟମରେ ଆୟ ଅଭିବୃଦ୍ଧି ନିମନ୍ତେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଭୂମିକା' ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କର୍ମଶାଳାକୁ ଉଦ୍‌ଘାଟନ କରି କହିଥିଲେ ଯେ, ଆମ ରାଜ୍ୟର ୯୦ପ୍ରତିଶତ କୃଷକ କ୍ଷୁଦ୍ର ଓ ନାମମାତ୍ର ଚାଷୀ। ଗୋପାଳନ, ଛେଳି ଓ ମେଣ୍ଢା ପାଳନ ଏବଂ କୁକୁଡା ପାଳନ ଆଦି ସେମାନଙ୍କ ଜୀବନ ଓ ଜୀବିକା ସହିତ ଓତଃପ୍ରୋତ ଭାବେ ଜଡିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୪୦ ଯୁବ ପ୍ରାଣୀ ଚିକିତ୍ସକଙ୍କ ସହ ୩୯ ସହକାରୀ କୃଷି ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଯୋଗଦେଇ କହିଲେ, ରାଜ୍ୟରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଛି।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସଚିବ ବିଶାଳ ଗଗନ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ରାଜ୍ୟରେ ପ୍ରାଣୀ ସମ୍ପଦ ସ୍ୱାସ୍ଥ୍ୟସେବା ଓ ପ୍ରତିଷେଧକ ଟିକାକରଣ ସୁବିଧା ଯୋଗାଇବା ପାଇଁ ୫୪୧ଟି ପ୍ରାଣୀ ଚିକିତ୍ସାଳୟ ଓ ୩୨୩୯ଟି ପ୍ରାଣୀଧନ ସହାୟକ କେନ୍ଦ୍ର କାର୍ଯ୍ୟ କରୁଛି। ଏହାଦ୍ୱାରା ପ୍ରାଣୀରୋଗ ଚିକିତ୍ସା, ଟିକାକରଣ, କୃତ୍ରିମ ପ୍ରଜନନ ଆଦି କାର୍ଯ୍ୟକ୍ରମର ସଫଳତା ଯୋଗୁ ପ୍ରାଣୀଙ୍କ ସାଧାରଣ ଓ ସଂକ୍ରାମକ ରୋଗ ନିୟନ୍ତ୍ରଣ ହୋଇପାରିଛି। କର୍ମଶାଳାରେ ବିଭିନ୍ନ ଜିଲାରୁ ଆସିଥିବା ୩୦୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ସଦସ୍ୟା ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

**୨୪୦ ପ୍ରାଣୀ ଚିକିତ୍ସକ, ୩୯ ସହକାରୀ କୃଷି ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ**

# ଆଜି ରିଲିଜ ହେବ ହରର୍ ଫିଲ୍ମ 'ଲୁପ୍ତ'

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ଫିଲ୍ମ ଫ୍ରାଇଡେ'ରେ ଚଳିତ ସପ୍ତାହ ଶୁକ୍ରବାର ରିଲିଜ ହେବାକୁ ଯାଉଛି ସୁପରନ୍ୟାଚୁରାଲ ହରର୍ ଫିଲ୍ମ 'ଲୁପ୍ତ'। କିଛିଦିନର ବ୍ୟବଧାନ ପରେ ବଲିଉଡ୍‌ରେ ପୁଣି ଏକ ହରର୍ ଫିଲ୍ମ ଦେଖିବାକୁ ପାଇବେ ଦର୍ଶକ। ଏହାସହ ଆଉ ଏକ ହିନ୍ଦୀ ଫିଲ୍ମ 'ଏକିଶ୍ ତାରିଖ୍ ଶୁଭ୍ ମହୁରତ୍' ମଧ୍ୟ ଏଥର ରିଲିଜ ହେଉଛି।

ପ୍ରଭୁରାଜଙ୍କ ନିର୍ଦ୍ଦେଶିତ 'ଲୁପ୍ତ'ର ଲିଡ୍‌ରୋଲ୍‌ରେ ଅଭିନେତା ଜାଭେଦ୍ ଜାଫ୍‌ରୀ, ବିଜୟ ରାଜ୍, କରନ୍ ଆନନ୍ଦ, ନିକି ଅନେଜା ୱାଲିଆ, ମୀନାକ୍ଷୀ ଦୀକ୍ଷିତ୍, ରିଶବ ଚଡ୍ଢା, କସ୍ତୁରୀ ବାନାର୍ଜୀ, ରାଜୀବ ଭରଦ୍ୱାଜ, ନତାଶା ଷ୍ଟାକୋଂଭିକ୍ ପ୍ରମୁଖ ରହିଛନ୍ତି। ପରିବାରର ୪ଜଣ ସଦସ୍ୟ ଏକ ରୋଡ୍ ଟ୍ରିପ୍‌ରେ ଯାଇଥିବା ବେଳେ ସେମାନଙ୍କ ପାଇଁ ଏହି ଟ୍ରିପ୍ କିଭଳି ଏକ ଦୁଃସ୍ୱପ୍ନ ପାଲଟିଯାଉଛି, ତାହା ଉପରେ ଫିଲ୍ମର କାହାଣୀ ଆଧାରିତ ହୋଇଛି। ହାଲୋଇନ୍ ଉପଲକ୍ଷେ ପରଦାକୁ ଆସୁଥିବା ଏହି ଫିଲ୍ମ ନୈନିତାଲର ଏକ ହରର୍ ସାଇଟ୍‌ରେ ଶୁଟିଂ ହୋଇଥିବା ବେଳେ ଏଥିରେ ଭୂତ ଏବଂ ୫ଜଣ ସଦସ୍ୟଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷ ଦେଖିବାକୁ ମିଳିବ। ଏହାବ୍ୟତୀତ ପବନ କୁମାର ଚୌହାନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଏକିଶ୍ ତାରିଖ୍ ଶୁଭ୍ ମହୁରତ୍' ମଧ୍ୟ ଶୁକ୍ରବାର ପରଦାକୁ ଆସୁଛି। ଫିଲ୍ମର ପ୍ରମୁଖ ଭୂମିକାରେ ସଞ୍ଜୟ ମିଶ୍ରା, କମଲିକା ବାନାର୍ଜୀ, ମୁକେଶ ତିୱାରୀ, ବ୍ରିଜେନ୍ଦ୍ର କାଲା, ଚନ୍ଦ୍ରଚୂଡ଼ ରାଏ, ଭଗବାନ ତିୱାରୀ, ମୀନା ନାଥାନି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମର ଲିଡ୍‌ରେ ସଞ୍ଜୟ ମିଶ୍ରା ରହିଥିବା ବେଳେ ଏଥିରେ ତାଙ୍କୁ ଜଣେ ପଣ୍ଡିତ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ। ଏହି କମେଡି ଡ୍ରାମାରେ ଭରପୂର ହସିବାର ଖୋରାକ ପାଇବେ ଦର୍ଶକ। କାହାଣୀ ମୁତାବକ, ଏକ ଛୋଟ ସହରର ଜଣେ ପଣ୍ଡିତ କିଭଳି ନିଜ ଝିଅର ବାହାଘର କରିବାକୁ ପ୍ରଥମରୁ ଶେଷ ଯାଏ ସଂଘର୍ଷ କରୁଛି, ତାହା ଦେଖିବାକୁ ମିଳିବ।

**ଫିଲ୍ମ ଫ୍ରାଇଡେ'**








@ ବିଜୟଲକ୍ଷ୍ମୀ



@ ଅଜୟ



@ ଲକ୍ଷ୍ମୀପ୍ରିୟା



@ ବିଶ୍ୱଜିତ୍



@ ରାକେଶ ସ୍ୱାଇଁ



@ ନିତମ୍



@ ସୁନିଲ



@ ରାକେଶ ବେହେରା

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨ ନଭେମ୍ବର,୨୦୧୮



ବିଶ୍ରାମ ଓ ଉପବାସ ଭଳି ଔଷଧ ଆଉ କିଛି ନାହିଁ।
- ବେଞ୍ଜାମିନ ଫ୍ରାଙ୍କଲିନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆଞ୍ଚଳିକ ସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରତିଯୋଗିତା, କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୨, ସିଆର୍‌ପିଏଫ୍ କ୍ୟାମ୍ପସ୍, ସକାଳ ୯ଟା ୩୦।
- ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ, ହୋଟେଲ ମେଫେୟାର୍, ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ଭସାଣି ଉତ୍ସବ, ୟୁନିଟ୍-୯, ଫ୍ରେଣ୍ଡ୍ସ କ୍ଲବ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ଭିଜିଲାନ୍ସ ସଚେତନତା ସପ୍ତାହ-୨୦୧୮ ପାଳନ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ମୋଟର ଯାନ ନିରୀକ୍ଷକ/ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କର୍ମଶାଳା ଉଦ୍‌ଘାଟନ, ପରିବହନ ଭବନ, ପୂର୍ବାହ୍ନ ୧୧ଟା ୩୦।
- ବାର୍ଷିକ ମୃତ୍ତିକା ହସ୍ତଶିଳ୍ପ(ଟେରାକୋଟା) ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟାରୁ ରାତି ୯ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ-୨୦୧୮, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଏବଂ ମଧ୍ୟାହ୍ନଭୋଜନ ସଚେତନତା ମେଳା, ରେଭେନ୍‌ଶା କଲିଜିଏଟ୍ ସ୍କୁଲ, ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଏମ୍ଏସ୍ଏମ୍‌ର ସପୋର୍ଟ ଆଣ୍ଡ ଆଉଟ୍‌ରିଚର ଶୁଭାରମ୍ଭ, ଶହୀଦ ଭବନ, ଅପରାହ୍ନ ୨ଟା।
- ଭଜନ ସମ୍ରାଟ ଭିକାରୀ ବଳଙ୍କ ୮ମ ସ୍ମୃତି ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ଦି ୟୁନିଭର୍ସ ପକ୍ଷରୁ 'ଗାନ୍ଧିବାଦୀ ଅର୍ଥ ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ର, ମୈତ୍ରୀ ସରଣୀ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତିରେ ଭଜନ ସମାରୋହ, ଭୋଳାନାଥ ବିଦ୍ୟାପୀଠ ସମ୍ମୁଖ, ସନ୍ଧ୍ୟା ୬ଟା।

**ଜଟଣୀ**

- ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସ୍ୱତନ୍ତ୍ର ବକ୍ତୃତା ପ୍ରଦାନ କାର୍ଯ୍ୟକ୍ରମ, କମ୍ୟୁନିଟି ସେଣ୍ଟର, ଅରୁଗୁଳ, ଅପରାହ୍ନ ୪ଟା ୩୦।

## ୧୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୨ ଭାଇ ଗିରଫ



**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**- ତମାଣ୍ଡୋ ଥାନା ପିତାପଲ୍ଲୀ ଛକ ନିକଟରୁ ଗୁରୁବାର କ୍ୟୁଏଟି ୨ ଭାଇଙ୍କଠାରୁ ୧୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏହାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସେମାନଙ୍କଠାରୁ ୧୬ ହଜାର ଟଙ୍କା, ଏକ ବାଇକ୍ ମଧ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ରାଧାବଲ୍ଲଭ ସାହିର ଶୁଭ୍ରାଂଶୁ ପରିଡା ଓରଫ ଛୋଟା ଓ ତାଙ୍କ ଭାଇ ଶୁଭେନ୍ଦୁ ପରିଡା। ସୂଚନା ଅନୁଯାୟୀ, ଦୁଇ ଭାଇ ଦୀର୍ଘଦିନ ହେବ ଖୋର୍ଦ୍ଧା ଅଞ୍ଚଳରେ ବ୍ରାଉନ୍‌ସୁଗାର ବେପାର କରି ଆସୁଛନ୍ତି। ସେମାନେ ବାଲେଶ୍ୱର ଏବଂ କଲିକତାରୁ ବ୍ରାଉନ୍‌ସୁଗାର ରାଜଧାନୀକୁ ଆଣୁଥିଲେ। ବିଭିନ୍ନ କଲେଜ ଛାତ୍ରଙ୍କୁ ଯୋଗାଇବା ସହ ବାହାର ଯୁବକଙ୍କୁ ମଧ ଦେଉଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ସେମାନେ ପିତାପଲ୍ଲୀ ଛକରେ ବ୍ରାଉନ୍‌ସୁଗାର ବିକ୍ରି କରିବା ପାଇଁ ଅପେକ୍ଷାରେ ରହିଥିଲେ। ଖବର ପାଇ କ୍ୟୁଏଟି ଚଢାଉ କରି ଉଭୟଙ୍କୁ ଗିରଫ କରିଛି।

## ପୁରୀ ହିଂସା, ଆଉ ୩ ଗିରଫ

**ପୁରୀ ଅଫିସ, ୧।୧୧:** ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଗିରଫଦାରି ସଂଖ୍ୟା ୧୧୨ ଛୁଇଁଛି। ପୂର୍ବରୁ ପୋଲିସ ୧୦୯ ଜଣଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନାରେ ରୁଜୁ କେସ୍ ନଂ.୮୫/୧୮ରେ ପୋଲିସ ମଙ୍ଗଳାଘାଟର ସୌମ୍ୟକାନ୍ତ ମହାନ୍ତିଙ୍କୁ ଗିରଫ କରିଛି। ସେହିପରି ଟ୍ରାଫିକ ପୋଷ୍ଟ ଭଙ୍ଗାରୁଜା ଏବଂ ହିଂସା ଘଟଣାକୁ ନେଇ ଟାଉନ ଥାନାରେ ରୁଜୁ କେସ୍ ନଂ.୧୬୮/୧୮ରେ ପୋଲିସ ସଦର ଥାନା ତାଳବାରି ଗାଁର ଦୁଷ୍ମନ୍ତ ଭୋଇ ଏବଂ ଏଲ୍‌ପା ଭୋଇଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ସିଂହଦ୍ୱାର ଥାନା ପୋଲିସ ବୁଧବାର ଜଣେ ନାବାଳକଙ୍କୁ ଧରି ବ୍ରହ୍ମପୁରସ୍ଥିତ ବାଳସୁଧାର ଗୃହକୁ ପଠାଇଥିଲା।

### ରାଧାକୃଷ୍ଣ ବସ୍ତିରେ ୨୦ ମିନିଟର ଆତଙ୍କ

# ମନ୍ଦିରରେ ପଶି ୨ ଯୁବକଙ୍କୁ ହାଣିଲେ

**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**

୧୫ରୁ ଊର୍ଦ୍ଧ୍ୱ ବାଇକରେ ଆସିଲେ ପ୍ରାୟ ୨୫ ଯୁବକ। କୌଣସି ବାଇକ୍ ରାଲି ଆସୁଥିବା ଲୋକେ ଭାବିଲେ। କିନ୍ତୁ ହଠାତ୍ ଯୁବକମାନେ ପଛପଟୁ ଗୋଟିଏ ଗୋଟିଏ ଖଣ୍ଡା ବାହାର କରି ୨ ଯୁବକଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫିଲ୍ମ ଷ୍ଟାଇଲରେ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ। ଭୟରେ ବସ୍ତିବାସିନ୍ଦା କବାଟ କିଳିଦେଇଥିଲେ। ଗୁରୁବାର ଅପରାହ୍ନରେ ୨୦ ମିନିଟ ଧରି ଏଭଳି ଆତଙ୍କ ଦେଖିବାକୁ ମିଳିଥିଲା କ୍ୟାପିଟାଲ ଥାନା ଅନ୍ତର୍ଗତ ରାଧାକୃଷ୍ଣ ବସ୍ତିରେ। ଅଭିଯୁକ୍ତମାନେ ଏତେ ହିଂସ୍ର ହୋଇପଡ଼ିଥିଲେ ଯେ ବସ୍ତିର ତ୍ରିନାଥ ମନ୍ଦିର ଭିତରେ ଶୋଇଥିବା ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ପକାଇଥିଲେ। ଫଳରେ ରକ୍ତଛିଟାରେ ମନ୍ଦିର ଚଟାଣ ଲାଲ୍ ହୋଇଯାଇଥିଲା।

ବସ୍ତି ଲୋକଙ୍କ କହିବା ଅନୁଯାୟୀ, ରାଧାକୃଷ୍ଣ ବସ୍ତିର ଯୁବତୀ ଓ ମହିଳାମାନେ ହରିଜନ ବସ୍ତି ଦେଇ ଯିବା ସମୟରେ ସେଠାକାର କେତେଜଣ ଯୁବକ ଅଶ୍ଳୀଳ କମେଣ୍ଟ କରନ୍ତି। ଏହାକୁ ରାଧାକୃଷ୍ଣ ବସ୍ତିର କେତେଜଣ ଯୁବକ ବିରୋଧ କରୁଥିଲେ।





ଆହତ ସୁଶାନ୍ତ ଓ ପ୍ରୀତିଶ।

- ବାଇକରେ ଆସିଥିଲେ ୨୫ ଯୁବକ
- ଭୟରେ କବାଟ କିଳିଲେ ବସ୍ତି ବାସିନ୍ଦା

ଏହାକୁ ନେଇ ଦୁଇ ବସ୍ତିର ଯୁବକଙ୍କ ମଧ୍ୟରେ ଦୁଇ ଦିନ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାଧାକୃଷ୍ଣ ବସ୍ତିର ଜଣେ ଯୁବକ ଆହତ ହୋଇଥିଲେ। ବୁଧବାର ରାତିରେ ସୂର୍ଯ୍ୟନଗର ଅଞ୍ଚଳର ପ୍ରୀତିଶ ପାଣିଗ୍ରାହୀ ଏବଂ ବସ୍ତିର ସୁଶାନ୍ତ ବାରିକ ମେଲୋଡି ଦେଖିବାକୁ ଯାଇଥିଲେ। ରାତି ଅନିଦ୍ରା ହୋଇଥିବାରୁ ପ୍ରୀତିଶ ତ୍ରିନାଥ ମନ୍ଦିରରେ ଶୋଇଥିବା ବେଳେ ସୁଶାନ୍ତ ବସ୍ତି ଭିତରେ ବସିଥିଲେ। ପ୍ରୀତିଶ ନିୟମିତ ଏଠାରେ ଆସି ଉଠାବସା କରନ୍ତି। ଏହି ସମୟରେ ପ୍ରାୟ ୨୫ ଯୁବକ ବାଇକ୍‌ରେ ଆସିଥିଲେ। ଏକାଧିକ ବାଇକ୍‌ରେ ଆସିଥିବାରୁ ସେମାନେ କୌଣସି ରାଜନୈତିକ ଦଳର ବାଇକ ରାଲି କରୁଥିବା ବସ୍ତି ଲୋକେ ଭାବିଥିଲେ। କିନ୍ତୁ ସେମାନେ ହଠାତ୍ ବାଇକ୍ ରଖି ପାଖରେ ଲୁଚାଇ ରଖିଥିବା ଖଣ୍ଡା ବାହାର କରି ପ୍ରଥମେ ତ୍ରିନାଥ ମନ୍ଦିରରେ ଶୋଇଥିବା ଅବସ୍ଥାରେ ପ୍ରୀତିଶଙ୍କୁ ଆକ୍ରମଣ କରିଥିଲେ। ପ୍ରୀତିଶଙ୍କ ମୁଣ୍ଡ, କାନ ଓ କାନ୍ଧକୁ ହାଣିଥିଲେ। ମନ୍ଦିର ପରିସର ରକ୍ତ ଜୁଡୁବୁଡୁ ହୋଇପଡ଼ିଥିଲା। ଆଉ କେତେଜଣ ଯୁବକ କିଛି ଦୂରରେ ବସିଥିବା ସୁଶାନ୍ତଙ୍କ ନିକଟକୁ ଯାଇଥିଲେ। ସୁଶାନ୍ତ ସେମାନଙ୍କୁ ଦେଖି କିଛି ଭାବିପାରି ନ ଥିଲେ। ହେଲେ ଉକ୍ତ ଯୁବକମାନେ ଖଣ୍ଡାରେ ତାଙ୍କୁ ମଧ ହାଣିବାକୁ ଉଦ୍ୟମ କରିବାରୁ ସେ ଜୀବନ ବିକରେ ଦୌଡ଼ିଯାଇ ଜଣେ ବ୍ୟକ୍ତିଙ୍କ ଘରେ ପଶିଯାଇଥିଲେ। ଏହା ସତ୍ତ୍ୱେ ଅଭିଯୁକ୍ତମାନେ ଉକ୍ତ ଘରେ ପଶି ଭାତହାଣ୍ଡି ଓ ଅନ୍ୟ ସାମଗ୍ରୀ ଫିଙ୍ଗାଫିଙ୍ଗ କରିଥିଲେ। ଶେଷରେ ସୁଶାନ୍ତ ସେଠାରୁ ବାହାରିଆସି ତ୍ରିନାଥ ମନ୍ଦିର ନିକଟକୁ ଦୌଡି ଯାଇଥିଲେ। କିନ୍ତୁ ଯୁବକମାନେ ତାଙ୍କୁ ଗୋଡ଼ାଇ ମନ୍ଦିର ପରିସରରେ ହାଣି ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପ୍ରୀତିଶଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କ୍ୟାପିଟାଲ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଆକ୍ରମଣ ପଛରେ ୟୁନିଟ୍-୬ ହରିଜନ ବସ୍ତିର କେତେଜଣ ଯୁବକ ସାମିଲ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଥାନା ଅଧିକାରୀ ମାନସ ଗଡ଼ନାୟକ କହିଛନ୍ତି।



ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲରେ ଗୁରୁବାର ଅନୁଷ୍ଠିତ ଭୁବନେଶ୍ୱର ଡିଷ୍ଟ୍ରିକ୍ଟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଏବଂ ୨୮ତମ ଜିଲା କାମ୍ପୋରି ୨୦୧୮-୧୯ରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

## ନାଟମଣ୍ଡପରେ ଲାଗିବ କ୍ରାକ୍ ମିଟର

**ମାଡ୍ରାସ ଆଇଆଇଟିରେ ପ୍ରଶିକ୍ଷଣ ଆରମ୍ଭ**

**ପୁରୀ ଅଫିସ, ୧।୧୧**

ଶ୍ରୀମନ୍ଦିରର ଜଗମୋହନ, ନାଟମଣ୍ଡପ, ଭୋଗମଣ୍ଡପ ଆଦି ପ୍ରମୁଖ ସ୍ଥାନରେ ପୂର୍ବରୁ ଫାଟ ସୃଷ୍ଟି ହୋଇଥିବା ନଜରକୁ ଆସିଛି। ଯାଞ୍ଚ ପରେ କିଛି ସ୍ଥାନରେ ଫାଟର ମରାମତି ହୋଇଛି। ପୁଣି ବିଭିନ୍ନ ସ୍ଥାନରେ ନୂଆ ଫାଟ ମଧ ପଦାକୁ ଆସୁଛି। ଏହି ଫାଟ ଶ୍ରୀମନ୍ଦିର ପାଇଁ ବିପଦ ସାଜିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହାସହିତ ଶ୍ରୀମନ୍ଦିର ପ୍ରତି ଭୂକମ୍ପ ଭୟ ମଧ ରହିଛି। ତେଣୁ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରୟୋଗ କରାଯିବ ଢାଞ୍ଚାଗତ ସ୍ୱାସ୍ଥ୍ୟ ଅନୁଧ୍ୟାନ ବ୍ୟବସ୍ଥା (ଷ୍ଟ୍ରକ୍‌ଚରାଲ ହେଲ୍‌ଥ ମନିଟରିଂ ସିଷ୍ଟମ)। ଏଥିପାଇଁ ଗୁରୁବାରଠାରୁ ମାଡ୍ରାସ ଆଇଆଇଟିରେ ଏହା ଉପରେ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏଏସ୍ଆଇର ବରିଷ୍ଠ ସଂରକ୍ଷଣ ସହାୟକ ଚିତ୍ତରଞ୍ଜନ ଦାଶଙ୍କ ନେତୃତ୍ୱରେ ଅନ୍ୟ ୫ ଜଣ କର୍ମଚାରୀ ପ୍ରଶିକ୍ଷଣ ନେଉଛନ୍ତି। ଭବିଷ୍ୟତରେ ଏହା ଏଏସ୍ଆଇକୁ ଐତିହ୍ୟର ସଂରକ୍ଷଣ କ୍ଷେତ୍ରରେ ସହାୟକ ହେବ। ପ୍ରଶିକ୍ଷଣ ପରେ ପ୍ରଥମ ପର୍ଯ୍ୟାୟରେ ନାଟମଣ୍ଡପରେ ଫାଟ ସୃଷ୍ଟି ହୋଇଥିବା ବିମ୍‌ରେ କ୍ରାକ୍ ମିଟର ଲଗାଯିବ। ଏହି ଟିମ୍ ଟ୍ରେନିଂ ବେଳେ କ୍ରାକ୍ ମିଟର, ଡିଜିଟାଲ ସେନ୍‌ସର, ପ୍ରେସର ମିଟର, ଲୋଡ୍‌ସେଲ, ଟିଲ୍‌ଟ ମିଟର ପରିଚାଳନା ଆଦି ସମ୍ପର୍କରେ ତାଲିମ ନେଉଛନ୍ତି। ଏହି ତାଲିମ ପ୍ରାୟ ଏକ ସପ୍ତାହ ଧରି ଚାଲିବ। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପର ବିଭିନ୍ନ ସ୍ଥାନ ଦୁର୍ବଳ ରହିଥିବା ବେଳେ ମୁଖ୍ୟ ବିମ୍‌ରେ ଫାଟ ସୃଷ୍ଟି ହୋଇଛି। ନାଟମଣ୍ଡପରେ କ୍ରାକ୍ ମିଟର ଲଗାଇ ସ୍ଥିତି ଅନୁଧ୍ୟାନ କରିବାକୁ ମାଡ୍ରାସ ଆଇଆଇଟି ପରାମର୍ଶ ଦେଇଛି।

## ଦାୟିତ୍ୱ ନେଲେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ



**କଟକ ଅଫିସ,୧।୧୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ଭାବେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଅଶୋକ କୁମାର ଦାଶ। ସେ ପ୍ରଥମେ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ବୁଲି ଦେଖିଥିଲେ। ଏହି ବିଭାଗର ଛାତ୍ର ଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଜଣେ ରେଭେନ୍‌ଶାଭିଆନ ହିସାବରେ ଆଜି କୁଳସଚିବ ପଦବୀ ମିଳିବା ସୌଭାଗ୍ୟର କଥା। ବିଶେଷକରି ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ବଜାୟ ରଖିବା ପ୍ରଥମ କର୍ତ୍ତବ୍ୟ ହେବ ବୋଲି ନୂତନ କୁଳସଚିବ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ରେଭେନ୍‌ଶାରେ ଯୁକ୍ତ ଦୁଇ ଓ ସ୍ନାତକ (ପଦାର୍ଥ ବିଜ୍ଞାନ) ସରିବା ପରେ ଦାଶ ମାଡ୍ରାସ ଆଇଆଇଟିରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୮ରେ ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକ, ଖୋର୍ଦ୍ଧା ଉପଜିଲାପାଳ, ରାଜ୍ୟ ନିର୍ବାଚନ ଆୟୋଗର ସ୍ୱତନ୍ତ୍ର ସଚିବ ଭାବେ ଦାଶ ସଫଳତାର ସହ କାର୍ଯ୍ୟ କରିଛନ୍ତି।

### ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# କଟକରେ ୬୮ ବାର୍ ପ୍ରତିନିଧିଙ୍କ ମେଳି

**କଟକ ଅଫିସ, ୧।୧୧**

- ହାଇକୋର୍ଟ ବାର୍ ଉପରେ ନିଷ୍ପତ୍ତି ଛାଡ଼ିଲେ
- ଆଜି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୋଲିସ-ଆଇନଜୀବୀ ବିବାଦ ଥମିବାର ନାଁ ଧରୁନି। ଆଇନଜୀବୀମାନେ ନିଜ ଦାବିକୁ ନେଇ ଅଟଳ ରହିବା ସହ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଇତିମଧ୍ୟରେ ରାଜନୈତିକ ହସ୍ତକ୍ଷେପ ପରେ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। ଏହାକୁ ନେଇ ଉପୁଜିଥିବା ପରିସ୍ଥିତିରେ ତୁରନ୍ତ ସମାଧାନ ପାଇଁ ସବୁ ମହଲରୁ ସ୍ୱର ଉଠିବାରେ ଲାଗିଛି। ଏପରି ସ୍ଥଳେ ଆନ୍ଦୋଳନର ଭବିଷ୍ୟତ ରୂପରେଖ ନେଇ ଗୁରୁବାର କଟକରେ ଏକାଠି ହୋଇଥିଲେ ରାଜ୍ୟର ୬୮ଟି ବାର୍‌ର ପ୍ରତିନିଧି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆସୋସିଏଶନ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପାଖାପାଖି ୫ ଘଣ୍ଟା ଧରି ଆନ୍ଦୋଳନ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ରାଜ୍ୟର ବିଭିନ୍ନ ବାର୍‌ରୁ ଆସିଥିବା ପ୍ରତିନିଧିମାନେ ସେମାନଙ୍କ ମତ ରଖିବା ସହ ହାଇକୋର୍ଟ ବାର୍ ଆସୋସିଏଶନ ଉପରେ ନିଷ୍ପତ୍ତି ଛାଡ଼ିଥିଲେ। କାର୍ଯ୍ୟବନ୍ଦ ଆନ୍ଦୋଳନ ଆଗକୁ ଜାରି ରହିବ କି ନାହିଁ ସେ ନେଇ ଶୁକ୍ରବାର ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବୈଠକରେ ନିଷ୍ପତ୍ତି ନିଆଯିବ। ଉକ୍ତ ନିଷ୍ପତ୍ତିକୁ ଅନ୍ୟ ବାର୍‌ଗୁଡ଼ିକ ଗ୍ରହଣ କରିବେ ବୋଲି ବୈଠକରୁ ଜଣାପଡ଼ିଛି। ତେବେ ଅଧିକାଂଶ ବାର୍‌ର ପ୍ରତିନିଧି ଅଭିଯୁକ୍ତ ପୋଲିସଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରଖିବାକୁ ମତ ଦେଇଥିଲେ।

ସୂଚନାଥାଉକି, ଅଗଷ୍ଟ ୨୮ରେ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ୩୦୭ ଦଫାରେ ଗିରଫ ପାଇଁ ଦାବିକରି ଆଇନଜୀବୀମାନେ ଅଗଷ୍ଟ ୨୯ ରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ତେବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆନ୍ଦୋଳନରୁ ଓହରିଯିବା ପରେ ସୋମବାର ଦୁଇଗୋଷ୍ଠୀ ମୁହାଁମୁହିଁ ହେବାରୁ ହାଇକୋର୍ଟ ପରିସର ରଣକ୍ଷେତ୍ର ପାଲଟିଥିଲା। ପ୍ରସଙ୍ଗଟି ଏବେ ସମ୍ପୂର୍ଣ୍ଣ ଭିନ୍ନ ମୋଡ଼ ନେଇଥିବାବେଳେ ଆନ୍ଦୋଳନର ଭବିଷ୍ୟତକୁ ନେଇ ଉତ୍କଣ୍ଠା ଲାଗି ରହିଛି।

## ଆନ୍ଦୋଳନ ପଛରେ ଭାଜପା ଟଙ୍କା: ଦେବାଶିଷ

**କଟକ ଅଫିସ, ୧।୧୧**

କଟକରେ ଆଇନଜୀବୀ-ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ ଏବେ ସମ୍ପୂର୍ଣ୍ଣ ରାଜନୈତିକ ମୋଡ଼ ନେଇଛି। ବିଶେଷକରି ଗତ ଶନିବାରଠାରୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଯିବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ଗୁରୁବାର ଏଥିରେ ଘିଅ ଢାଳିଛନ୍ତି ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ। ସେ ସିଧାସଳଖ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରିଛନ୍ତି। ଆନ୍ଦୋଳନ ବଢିବା ପାଇଁ କେନ୍ଦ୍ରମନ୍ତ୍ରୀ ଟଙ୍କା ଯୋଗାଇ ଦେଉଥିବା ସାମନ୍ତରାୟ କହିଛନ୍ତି। ଆନ୍ଦୋଳନ ଯୋଗୁ ଅନେକ ଆଇନଜୀବୀ ଦୁଃଖ ଦୁର୍ଦ୍ଦିନରେ ଓ ଲୋକେ ଆଇନସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତିରେ ଆଇନଜୀବୀ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ଭାଜପାର ହୀନ ରାଜନୀତି। ସେହିଭଳି ଶିକ୍ଷକ, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ଆନ୍ଦୋଳନ ତେଜିବା ପଛରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ହାତ ଥିବା ସାମନ୍ତରାୟ ଅଭିଯୋଗ ଆଣିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପ୍ରତିକ୍ରିୟା ମିଳିପାରିନି। ଭାଜପା ନେତା ନୟନ କିଶୋର ମହାନ୍ତି କହିଛନ୍ତି, ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ବିଜେଡି ଅପଚେଷ୍ଟା କରୁଛି। ସରକାର ଅନ୍ତରିକାତର ସହ ଚାହିଁଥିଲେ ଆଇନଜୀବୀ ଆନ୍ଦୋଳନ ଆଜିପର୍ଯ୍ୟନ୍ତ ନ ଥାନ୍ତା ବୋଲି ମହାନ୍ତି କହିଛନ୍ତି।

## କନଷ୍ଟେବଳ, ହାବିଲଦାର, ସିପାହି ମହାସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ

**କଟକ ଅଫିସ,୧।୧୧**

ପୋଲିସ ଉପରେ ଆକ୍ରମଣ କରିଥିବା ଆଇନଜୀବୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି କନଷ୍ଟେବଳ, ହାବିଲଦାର, ସିପାହି ମହାସଂଘ। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ସଭାପତି ସନ୍ତୋଷ ଶତପଥୀ, ସମ୍ପାଦକ ପଞ୍ଚାନନ ବେହେରା, ସଂଗଠନ ସମ୍ପାଦକ ବୃନ୍ଦାବନ ପ୍ରଧାନ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ସଂଘ ସଭାପତି ପ୍ରବୋଧ ଦାସ, କଟକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ପାଦକ ପ୍ରଦୀପ୍ତ ଦତ୍ତ, ୭ମ ବାଟାଲିୟନର ରମେଶ ଚନ୍ଦ୍ର ମାଝି, ରାଜେନ୍ଦ୍ର ମଲ୍ଲିକ, ଜିଆରପିର ଭୋଳାନାଥ ବେହେରା ପ୍ରମୁଖ ଘଟଣାକୁ ଦୃଢ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଗଷ୍ଟ ୨୮ରେ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକ କାର୍ଯ୍ୟରତ ପୋଲିସକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରା ନ ଯାଇ କର୍ତ୍ତବ୍ୟ ପାଳନ କରୁଥିବା କନଷ୍ଟେବଳ ଓ ହାବିଲଦାରଙ୍କୁ ନିଲମ୍ବନ କରାଯିବା କେତେଦୂର ଠିକ୍ ବୋଲି ସଂଘ ପ୍ରଶ୍ନ କରିଛି। ସେହିଭଳି ଗତ ୨୯ ତାରିଖରେ ହାଇକୋର୍ଟ ପରିସରରେ ଏଜିଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସିପାହିମାନେ ଆଇନଜୀବୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଅଭିଯୁକ୍ତଙ୍କ ଉପରେ ଏଯାଏ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସଂଘ କ୍ଷୋଭ ପ୍ରକାଶ କରିଛି।

# ବସ୍ତିରେ ରହୁଛନ୍ତି ରାଜ୍ୟର ଏକ ତୃତୀୟାଂଶ ଶିଶୁ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

- ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, ସୁରକ୍ଷିତ ବାତାବରଣ ପାଇବାରୁ ବଞ୍ଚିତ
- ୯୫ ପ୍ରତିଶତଙ୍କ କ୍ଷେତ୍ରରେ ସମ୍ପର୍କୀୟ ନିର୍ଯାତନାକାରୀ
- ସ୍ପଷ୍ଟ ଶିଶୁନୀତି ପ୍ରଣୟନ, ସ୍ୱତନ୍ତ୍ର ଶିଶୁ ବିଭାଗ ପ୍ରତିଷ୍ଠା ଦାବି




ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ରାଷ୍ଟ୍ରୀୟ ସମ୍ମିଳନୀରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ଅଭିଭାଷଣ ପ୍ରଦାନ କରୁଛନ୍ତି।

ଶିଶୁଙ୍କ ପ୍ରତି ନିର୍ଯାତନା ବର୍ତ୍ତମାନ ସମୟର ଏକ ପ୍ରମୁଖ ସମସ୍ୟା। ଶିଶୁ ଦେଶର ଭବିଷ୍ୟତ ଓ ଶକ୍ତି ହୋଇଥିବା ବେଳେ ସେମାନେ ପରିବାର, ସମାଜ ଓ ସରକାରଙ୍କଠାରୁ ସୁରକ୍ଷା ଆଶା କରନ୍ତି। ସଭ୍ୟ ସମାଜରେ ଶିଶୁମାନଙ୍କ ପ୍ରତି ଉତ୍ପୀଡ଼ନର ସ୍ଥାନ ନାହିଁ। ସେମାନଙ୍କୁ ସୁରକ୍ଷା ଦେବା ଓ ସେମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଆଇନ ଥିଲେ ମଧ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। ଏହି ଆଇନକୁ କାର୍ଯ୍ୟକାରୀ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ରାଷ୍ଟ୍ରୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କମିଶନ ଆଗରେ ଅନେକ ଆହ୍ୱାନ ରହିଥିବା କହିଥିଲେ।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ପକ୍ଷରୁ ଗୁରୁବାର କିଟ୍ ସମ୍ମିଳନୀ କକ୍ଷରେ ଏହି ଦୁଇଦିନିଆ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ, ରାଜ୍ୟ ସରକାର ସାଧାରଣ ଜନତାଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯାତନା ରୋକିବା ପାଇଁ ମଧ ଆଇନ ପ୍ରଣୟନ କରାଯାଇଛି। କିନ୍ତୁ ଏ ସବୁ ସତ୍ତ୍ୱେ ସେମାନେ ନିର୍ଯାତିତ ହେଉଛନ୍ତି। ଯେ ପର୍ଯ୍ୟନ୍ତ ସମାଜରେ ଏ ନେଇ ସଚେତନତା ସୃଷ୍ଟି ହୋଇନି, ସେ ପର୍ଯ୍ୟନ୍ତ ସରକାରୀ ଯୋଜନା ଓ ଆଇନର ସୁବିଧା ଶିଶୁମାନେ ପାଇପାରିବେ ନାହିଁ। ଓଡ଼ିଶାରେ ଅନେକ ଶିଶୁ ଶିଶୁଯତ୍ନ ଗୃହରେ ରହୁଛନ୍ତି। ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଜଣେ ସହାୟିକା ନିଯୁକ୍ତି ଏବଂ ୧୫୦ରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଗ୍ରାମ ବା ପଡ଼ାରେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ରାଜ୍ୟ ସରକାର ଦାବି ଉପସ୍ଥାପନ କରିଥିବା ସେ କହିଥିଲେ। ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନର ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡ଼ା କହିଥିଲେ, ରାଜ୍ୟର ପ୍ରାୟ ଏକ-ତୃତୀୟାଂଶ ଶିଶୁ ବସ୍ତି ଅଞ୍ଚଳରେ ବାସ କରୁଛନ୍ତି। ବସ୍ତିରେ ରହୁଥିବା ଏହି ଶିଶୁମାନଙ୍କ ମଧ୍ୟରୁ ଅଧିକାଂଶ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି ଓ ସୁରକ୍ଷିତ ବାତାବରଣ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବା ସମସ୍ତଙ୍କର କର୍ତ୍ତବ୍ୟ। ସେହିଭଳି ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଥିଲେ, ପ୍ରାୟ ୯୫ ପ୍ରତିଶତ କ୍ଷେତ୍ରରେ ଯୌନ ଉତ୍ପୀଡ଼ନର ଶିକାର ହେଉଥିବା ଶିଶୁ ଉତ୍ପୀଡ଼ନକାରୀଙ୍କୁ ପୂର୍ବରୁ ଜାଣିଥାଏ। ଅଧିକାଂଶ ସମ୍ପର୍କୀୟ ଏବଂ ଜଣାଶୁଣା ଲୋକ ହିଁ ନିର୍ଯାତନା ଦେଇଥାଆନ୍ତି। ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଆୟୋଗ ପ୍ରତିଷ୍ଠାର ଇତିହାସ ଓ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏକ ସ୍ପଷ୍ଟ ଶିଶୁନୀତି ପ୍ରଣୟନ ଓ ଶିଶୁମାନଙ୍କ ଅଧିକାର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ବିଭାଗ କିମ୍ବା ନିର୍ଦ୍ଦେଶାଳୟ ସ୍ଥାପନ, ବାଲ୍ୟବିବାହ ଆଇନରେ ସଂଶୋଧନ ପାଇଁ ସେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ସହ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପଦାଧିକାରୀ, ୧୪ ରାଜ୍ୟର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ଏହି ଅବସରରେ 'ବିଦ୍ୟାଳୟରେ ଶିଶୁ ନିରାପତ୍ତା ଓ ସୁରକ୍ଷା ପ୍ରକରଣ' ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପରେ ପରେ ଶିକ୍ଷା ଅଧିକାର ଆଇନ, ଶିଶୁ ଯୌନ ଅପରାଧରୁ ସୁରକ୍ଷା ଆଇନ ଏବଂ କିଶୋର ନ୍ୟାୟ, ଯତ୍ନ ଓ ସୁରକ୍ଷା ଆଇନ ଉପରେ ଆଲୋଚନା ହୋଇଥିଲା।



ଯେ କୌଣସି ବ୍ୟକ୍ତି ବା ଜାତି ଅନ୍ୟକୁ ଘୃଣାକରି ତିଷ୍ଠି ରହି ନ ପାରେ।
– ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବିଏମ୍‌ସି ହସ୍ପିଟାଲ ସମ୍ମୁଖରୁ ମୃତ ଶିଶୁ ଉଦ୍ଧାର

ପୁରୁଣା ଭୁବନେଶ୍ୱର,୧।୧୧(ଡି.ଏନ୍.ଏ.): ଶ୍ରୀ ଲିଙ୍ଗରାଜ ଥାନା ଅଧୀନ ବିଏମ୍‌ସି ହସ୍ପିଟାଲର ମୁଖ୍ୟ ଫାଟକ ସମ୍ମୁଖରୁ ଗୁରୁବାର ଏକ ଶିଶୁକନ୍ୟାର ମୃତଦେହ ପୋଲିସ ଉଦ୍ଧାର କରିଛି। ଶିଶୁଟିର ଶରୀର ଫୁଲିଯାଇଥିବା ବେଳେ ନାଭି ଲାଗିଥିବା ଦେଖିବାକୁ ମିଳିଛି। ଦିନେ ଦୁଇଦିନ ତଳେ ପ୍ରସବ ପରେ କେହି ଏହି ଶିଶୁକନ୍ୟାକୁ ଅଳିଆଗଦାକୁ ଫିଙ୍ଗି ଦେଇଥିବା ଅନୁମାନ କରାଯାଏ। ଖବର ପାଇ ପୋଲିସ ପହଞ୍ଚି ଶିଶୁକନ୍ୟାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧।୧୧(ବ୍ୟୁରୋ): ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ କାହ୍ନୁ ଦାଶ(୨୯) ନାମକ ଯୁବକଙ୍କୁ ଗିରଫ କରିଛି। ସେ ଏକ ବସ୍ତିରେ ରହୁଥିଲେ। ଏ ନେଇ ପୋଲିସ କେସ୍ ନଂ-୫୦୦/୧୮ରେ ଦଫା ୩୬୩ ଓ ପକସୋ ଆକ୍ଟ ଲଗାଇ ତାଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ନାବାଳିକା ଏକ ବସ୍ତିରେ ପରିବାର ସହ ରହୁଥିଲେ। ଗତ ଅକ୍ଟୋବର ୨୬ ତାରିଖ ଅପରାହ୍ନରେ ନାବାଳିକା ଘର ନିକଟରେ ବସିଥିବା ସମୟରେ କାହ୍ନୁ ତାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ତଦନ୍ତ କରି ଗଞ୍ଜାମରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଦୋକାନରୁ ୪୦ ହଜାର ଚୋରି

ବାରଙ୍ଗ,୧।୧୧(ଡି.ଏନ୍.ଏ.): ବାରଙ୍ଗ ତ୍ରିଶୂଳିଆ ବଜାରରେ ଥିବା ଆଖଣ୍ଡଳମଣି ମେଡିସିନ୍ ଷ୍ଟୋର ତାଲା ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଦୋକାନର ଗୋଟିଏ ପାର୍ଶ୍ୱ ଶଟର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ଏହାପରେ କ୍ୟାଶ୍ କାଉଣ୍ଟରରେ ଥିବା ନଗଦ ୪୦ହଜାର ଟଙ୍କା ଚୋରି କରି ନେଇଥିବା ମେଡିସିନ୍ ଷ୍ଟୋର ମାଲିକ ଚନ୍ଦ୍ରକାନ୍ତ ପ୍ରଧାନ କହିଛନ୍ତି। ଗୁରୁବାର ସକାଳେ ସେ ଦୋକାନ ଖୋଲିବାକୁ ଆସିଥିବା ବେଳେ ଚୋରି ହୋଇଥିବା ଦେଖି ଘର ମାଲିକ ନରେନ୍ଦ୍ର ସାହୁଙ୍କୁ ଡାକି ଦେଖାଇଥିଲେ। ନରେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଅନୁଧାନ କରି ଫେରିଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ:୨ ଗିରଫ

ଭୁବନେଶ୍ୱର, ୧।୧୧(ବ୍ୟୁରୋ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଚନ୍ଦ୍ରଶେଖରପୁର ପୋଲିସ ୨ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ନୀଳମାଧବ ବସ୍ତିର କାଳନ୍ଦି ନାୟକ(୨୦) ଓ ମାୟାଧର ନାୟକ(୨୦)। ସେମାନଙ୍କ ବିରୋଧରେ ପୋଲିସ କେସ୍ ନଂ-୪୬୦/୧୮ ଦଫା ୩୦୭ ଓ ୩୪ ଲଗାଇ କୋର୍ଟ ଚାଲାଣ କରିଛି। ଏହି ଆକ୍ରମଣରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ଚଢାଉ ଜାରି ରଖିଛି। ଅଭିଯୋଗକାରୀ ରାଜେଶ ବେହେରା କେୟାର ହସ୍ପିଟାଲ ନିକଟରେ ରହୁଛନ୍ତି। ଗତକାଲି ସେ ଘର ନିକଟରେ ଛିଡା ହୋଇଥିବା ସମୟରେ ହଠାତ୍ ୬ଜଣ ଯୁବକ ଲୁହାରଡ୍ ଧରି ଆସିଥିଲେ। ରାଜେଶ କିଛି କହିବା ପୂର୍ବରୁ ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜେଶ ପଡିଥିବା ବେଳେ ସେମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଯୁବକ ରାଜେଶଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

### ଆୟୁର୍ବେଦ ଦିବସରେ ହେବ ଗଣଦୌଡ଼

ଭୁବନେଶ୍ୱର, ୧।୧୧(ବ୍ୟୁରୋ): କେନ୍ଦ୍ରୀୟ ଆୟୁର୍ବେଦ ଯକୃତ ବିକାର ଅନୁସନ୍ଧାନ ସଂସ୍ଥାନ ଭୁବନେଶ୍ୱର ଦ୍ୱାରା ଆୟୁର୍ବେଦ ଦିବସ ଆସନ୍ତା ୪ ତାରିଖରେ ପାଳନ କରାଯିବ। ସଂସ୍ଥାନ ପକ୍ଷରୁ ଆୟୁର୍ବେଦ ଔଷଧ ଉପରେ ଲୋକଙ୍କୁ ସଚେତନ କରାଇବା ପାଇଁ ଗଣଦୌଡ ଆୟୋଜନ କରାଯିବ ବୋଲି ସଂସ୍ଥାନର ନିର୍ଦ୍ଦେଶକ ଡା. ଜୟରାମ ହାଜରା ଗୁରୁବାର ସଂସ୍ଥାନର ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗଣଦୌଡ ୪ ତାରିଖ ସକାଳ ୬ଟାରେ ଅନୁଷ୍ଠିତ ହେବ। ଫରେଷ୍ଟ ପାର୍କରୁ ଗଣଦୌଡ ଆରମ୍ଭ ହେବ।

■ମାସିକ ଅପରାଧ ନିୟନ୍ତ୍ରଣ ସମୀକ୍ଷା ବୈଠକ

# ମାମଲା ସମାଧାନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

■ଥାନାରେ ଖୋଲିବ ଅପରାଧୀଙ୍କ 'ହିଷ୍ଟ୍ରି ସିଟ୍'

■ବସ୍ତିରେ ଖୋଲିବ ଆଉଟପୋଷ୍ଟ

ରାଜଧାନୀର ଏକାଧିକ ଥାନାରେ ଗଦା ଗଦା ମାମଲା ପଡି ରହିଛି। ଏସବୁ ମାମଲା ନେଇଥିବା ତଦନ୍ତକାରୀ ଅଧିକାରୀମାନେ ଅପରାଧୀଙ୍କୁ ଗିରଫ କରିପାରିନାହାନ୍ତି। ଜଣେ ଅଫିସରଙ୍କ ନିକଟରେ ୨ଶହରୁ ଊର୍ଦ୍ଧ୍ୱ ମାମଲା ରହିଛି, ଯାହାକୁ ନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ମାସିକ ଅପରାଧ ନିୟନ୍ତ୍ରଣ ସମୀକ୍ଷା ବୈଠକରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଥାନାରେ ପଡି ରହିଥିବା ମାମଲାକୁ ସମାଧାନ କରିବା ପାଇଁ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବନ୍ଧୁକ ବେପାରୀଙ୍କୁ ସାବାଡ କରିବା ପାଇଁ ଚାଲୁଥିବା ସ୍ପେଶାଲ ଡ୍ରାଇଭ ଯେଭଳି ଅଧିକ ତ୍ୱରାନ୍ୱିତ ହୋଇପାରିବ ସେନେଇ ମଧ କମିଶନର ଥାନା ଅଧିକାରୀ ଓ ଏସିପିଙ୍କ ସହ ଆଲୋଚନା କରିଛନ୍ତି।

ଏଥିସହ ହକି ବିଶ୍ୱକପ୍‌କୁ କିପରି ସୁରୁଖୁରୁରେ ସମାପନ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଟ୍ରାଫିକ୍ ବ୍ୟବସ୍ଥାଠାରୁ ଆଇନଶୃଙ୍ଖଳା ଓ ଅନ୍ୟ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସବୁଠୁ ବଡ କଥା ହେଲା ଡିସେମ୍ବର ୧୫ରେ 'ହିଷ୍ଟ୍ରି ସିଟ୍' ସବୁ ଥାନାରେ ଖୋଲାଯିବ। ୨୦୦୫ରୁ ୨୦୧୮ ପର୍ଯ୍ୟନ୍ତ ବିଭିନ୍ନ ଥାନା ଅଞ୍ଚଳରେ ଥିବା ପେସାଦାର ଅପରାଧୀ ତଥା ଠକେଇ, ଚୋରି, ହତ୍ୟା, ବନ୍ଧୁକ ବେପାର ଓ ଗୁଳିମାଡ଼ରେ ସମ୍ପୃକ୍ତ ଅପରାଧୀଙ୍କ ତାଲିକା ରହିବ। ଏସବୁ ଅପରାଧୀଙ୍କ ଏକ ରେକର୍ଡ ମେଣ୍ଟେନ କରାଯିବ। ବିଶେଷକରି ଦେଖିବାକୁ ମିଳେ ଯେ, ଗୋଟିଏ ଥାନାରୁ ଅନ୍ୟ ଥାନାକୁ ଥାନା ଅଧିକାରୀଙ୍କ ବଦଳି ହେଲେ ସେ ଉକ୍ତ ଥନା ଅଞ୍ଚଳରେ ଥିବା ଅପରାଧୀଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼େ। ତେଣୁ ଏହି ହିଷ୍ଟ୍ରି ସିଟ୍‌ର ବ୍ୟବସ୍ଥା ହେଲେ ନୂଆ କରି ଥାନା ଆସିଥିବା ଥାନା ଅଧିକାରୀ ଉକ୍ତ ରେକର୍ଡ ଦେଖି ତାଙ୍କ ଥାନା ଅଞ୍ଚଳରେ ଥିବା ବିଭିନ୍ନ ପେସାଦାର ଅପରାଧୀଙ୍କୁ ସହଜରେ ଚିହ୍ନଟ କରିପାରିବେ।

ରାଜଧାନୀରେ ୪୦ ପ୍ରତିଶତ ବସ୍ତି ରହିଛି। ଏସବୁ ବସ୍ତି ଅଞ୍ଚଳରେ କମିଶନରେଟ୍ ପୋଲିସର ଫୋକସ କମ୍ ରହିଛି। ତେଣୁ ଏଠାରେ ଏକାଧିକ ଅପରାଧ ଘଟୁଛି। ଏହାକୁ ରୋକିବା ଲାଗି ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ସବୁ ବସ୍ତିରେ ପୋଲିସ ଆଉଟ୍‌ପୋଷ୍ଟ ଖୋଲାଯିବ। ଏହାସହ ବସ୍ତିରେ ଥିବା କ୍ଲବ୍ ଓ ସାହି ମୁରବିଙ୍କ ସହ ଯୋଗାଯୋଗ ରଖାଯିବ। ବସ୍ତିରେ ହୋଉଥିବା ଅପରାଧ ଓ ଅପରାଧୀଙ୍କ ସମ୍ପର୍କରେ ତଥ୍ୟ ମିଳିବ ବୋଲି କମିଶନର କହିଛନ୍ତି। ଅତିରିକ୍ତ କମିଶନର ସଞ୍ଜୟ ସିଂ ଓ ଡିସିପି ଅନୁପ କୁମାର ସାହୁ ବୈଠକରେ ଉପସ୍ଥିତ ରହିଥିଲେ।



ଜୟଦେବ ବିହାରସ୍ଥିତ ତିରୁପତି ତିରୁମାଲା କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ଆଦିରତ୍ନ ଦାଦୀ ସନ୍ଦେଶୀଙ୍କ ପୁଣ୍ୟତିଥି ଅବସରରେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡଧାରୀ ବ୍ରହ୍ମାକୁମାରୀ ରୀତା ଭଉଣୀ ଏକ ବସ୍‌କୁ ନିଜ କେଶରେ ଟାଣୁଛନ୍ତି।

■ ପଲିଥିନ, ପ୍ଲାଷ୍ଟିକ ବ୍ୟବହାର କଟକଣା

# ରାଜଧାନୀର ୪୫ ସ୍ଥାନରେ ଚଢ଼ାଉ



ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ରାଜଧାନୀରେ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣାକୁ କଡ଼ାକଡ଼ି କରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଜୋରଦାର ଚଢ଼ାଉ ଆରମ୍ଭ ହୋଇଛି। ଗୁରୁବାର ବିଏମ୍‌ସି ଦ୍ୱାରା ଗଠିତ ସ୍କ୍ୱାଡ୍ ପକ୍ଷରୁ ସହରର ୪୫ ସ୍ଥାନରେ ଚଢ଼ାଉ କରାଯାଇ ପଲିଥିନ ଏବଂ ପ୍ଲାଷ୍ଟିକ ଗ୍ଲାସ୍ ଜବତ କରାଯାଇଛି। ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ଅଧୀନରେ ଆସୁଥିବା ଅଞ୍ଚଳ ସହିତ ୩ଟି ଜୋନ କାର୍ଯ୍ୟାଳୟ ଅନ୍ତର୍ଗତ ସିଆରପି ଛକରେ ଥିବା ପିଡି ମାର୍କେଟ କମ୍ପ୍ଲେକ୍ସ, ୟୁନିଟ୍-୧ ହାଟର ବିଭିନ୍ନ ଦୋକାନ ଓ ଉତ୍ତରାଞ୍ଚଳ ଜୋନର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଥିଲା ଦକ୍ଷିଣ ପଶ୍ଚିମାଞ୍ଚଳ ଜୋନର ଡେପୁଟି କମିଶନର ଲଳାଟେନ୍ଦୁ ସାହୁଙ୍କ ନେତୃତ୍ୱରେ ଏହି ଚଢଉ କରାଯାଇଥିଲା।

## ମହିଳାଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ପୁରୁଣାଭୁବନେଶ୍ୱର,୧।୧୧(ଡି.ଏନ୍.ଏ.)

ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଅଭିଯୁକ୍ତ କୃପାସିନ୍ଧୁ ପାତ୍ର (୩୪)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। କୃପାସିନ୍ଧୁଙ୍କ ଘର କେନ୍ଦୁଝର ଜିଲା ଘସିପୁରା ଥାନ ଅନ୍ତର୍ଗତ ବୀରଗୋବିନ୍ଦପୁରରେ। ସେ ଶ୍ରୀରାମନଗରରେ ରହି ଜଳଖିଆ ଦୋକାନ କରିଥିଲେ। ଅଭିଯୋଗ ଅନୁସାରେ, କୃପାସିନ୍ଧୁ ଓ ସମ୍ପୃକ୍ତ ମହିଳା ପରିଚିତ ଥିଲେ। ଗତ ସେପ୍ଟେମ୍ବର ମାସରେ ମହିଳା ଜଣକ ଅସୁସ୍ଥ ଥିବାବେଳେ ସହାୟତା ବାହାନାରେ କୃପାସିନ୍ଧୁ ତାଙ୍କ ଘରକୁ ଯାଇ ବଳାତ୍କାର କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୧୮୭/୧୮ ରୁଜୁ କରି ତଦନ୍ତ ଚଳାଇଥିଲା।

# ଯନ୍ତ୍ରୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗର ଜଣେ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ଏହି ଅଭିଯୋଗ କରିଛନ୍ତି ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ। ଏ ନେଇ ସେ ଗୁରୁବାର ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସହକାରୀ ଯନ୍ତ୍ରୀଙ୍କ ନାମରେ ହୋଇଥିବା ଅଭିଯୋଗ ସମ୍ପର୍କରେ ଜାଣିବା ଲାଗି ତାଙ୍କ କାର୍ଯ୍ୟାଳୟକୁ ଆମ ପ୍ରତିନିଧି ଯାଇଥିଲେ ମଧ ତାଙ୍କ ସହିତ ଯୋଗାଯୋଗ ହୋଇପାରି ନ ଥିଲା। ତେବେ ଉକ୍ତ କାର୍ଯ୍ୟାଳୟର କେତେଜଣ କର୍ମଚାରୀ କହିଛନ୍ତି ଯେ, ସହକାରୀ ଯନ୍ତ୍ରୀ ଜଣକ କେତେକ ବେଆଇନ ଠିକା କାମ ବିରୋଧରେ ସ୍ୱର ଉଠାଇଥିଲେ। ଏପରି କି ନିମ୍ନମାନର କାମ ପାଇଁ କେତେଜଣ ଠିକାଦାରଙ୍କ ବିଲ୍ ବନ୍ଦ କରିବା ସହ କଡା କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଫଳରେ ଉକ୍ତ ଠିକାଦାରମାନେ ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ମହିଳାଙ୍କୁ ପ୍ରବର୍ତ୍ତାଇ ସହକାରୀ ଯନ୍ତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ମହିଳା ଥାନା ଅଧିକାରୀ ଇମନ କଲ୍ୟାଣ ନାୟକ କହିଛନ୍ତି, ଅଭିଯୋଗ ପାଇବା ପରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସହକାରୀ ଯନ୍ତ୍ରୀଙ୍କୁ ଥାନାକୁ ଡକାଇ ପଚରାଉଚରା କରାଯାଇଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

# ବାଣୀବିହାରରୁ ମହିଳାଙ୍କୁ ଅପହରଣ ଉଦ୍ୟମ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

**ଅପହର୍ତ୍ତାଙ୍କୁ କାବୁକଲେ ସ୍ଥାନୀୟ ଲୋକେ**

ଶହୀଦନଗର ଥାନା ବାଣୀବିହାର ଛକ ନିକଟରୁ ବୁଧବାର ରାତିରେ ଜଣେ ମହିଳାଙ୍କୁ ଅପହରଣ ଉଦ୍ୟମ ହୋଇଛି। ଜଣେ କାର ଡ୍ରାଇଭର ଓ ତାଙ୍କର ସହଯୋଗୀ ସମ୍ପୃକ୍ତ ମହିଳାଙ୍କୁ ଉଠାଇନେବାକୁ ଉଦ୍ୟମ କରିବା ବେଳେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ କେଉଁ ଉଦ୍ଦେଶ୍ୟ ରଖି ଅପହରଣ କରୁଥିଲେ ସେନେଇ ପୋଲିସ ଖୋଳତାଡ କରୁଛି। ସୂଚନା ମୁତାବକ, ବୁଧବାର ରାତି ପ୍ରାୟ ୧୧ଟା ୩୦ ହେବ। ମହିଳା ଜଣକ ରସୁଲଗଡ ଅଭିମୁଖେ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ବାଣୀବିହାର ପଟୁ ଏକ କାର୍ ଆସିଥିଲା। କାରଟି ହଠାତ୍ ମହିଳାଙ୍କ ନିକଟରେ ଅଟକିଥିଲା। ଡ୍ରାଇଭର ଓ କାରରେ ବସିଥିବା ଜଣେ ଯୁବକ ଆସି ମହିଳାଙ୍କୁ କାର ଭିତରେ ବସିବାକୁ କହିଥିଲେ। ମହିଳା ଜଣକ ରାଜି ନ ହେବାରୁ ତାଙ୍କୁ ଜୋରଜବରଦସ୍ତି ଉଠାଇ ନେବାକୁ ଉଦ୍ୟମ କରିଥିଲେ। କୌଣସି ବାଟ ନ ପାଇ ମହିଳା ଜଣକ ଚିତ୍କାର କରି ସହାୟତା ମାଗିଲେ। ସ୍ଥାନୀୟ ଲୋକେ ତାଙ୍କ ପାଟି ଶୁଣି କାର ନିକଟକୁ ଆସିଥିଲେ। ସେମାନେ ମହିଳାଙ୍କୁ କ'ଣ ପାଇଁ ପାଟି କରୁଛ ବୋଲି ପଚାରିବାରୁ ତାଙ୍କୁ ଅପହରଣ କରାଯାଉଥିବା ସେ କହିଥିଲେ। ଫଳରେ ସ୍ଥାନୀୟ ଲୋକେ ଉକ୍ତ ଦୁଇ ଯୁବକଙ୍କୁ କାବୁ କରି ନିର୍ଘାତ ମାଡ ମାରିଥିଲେ। ଶେଷରେ ପିସିଆର ଭ୍ୟାନ୍‌କୁ ଡକାଇ ଉଭୟଙ୍କୁ ପୋଲିସ ଜିମା ଦେଇଥିଲେ। ତେବେ ଉକ୍ତ ମହିଳାଙ୍କୁ ଅପହର୍ତ୍ତା ଦ୍ୱୟ ଚିହ୍ନିଥିବା ଜଣାପଡ଼ିଛି। ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଏ ନେଇ ମୋ ନିକଟରେ କୌଣସି ଖବର ନାହିଁ। ମୁଁ ଥାନାରେ ପଚାରି ବୁଝୁଛି କ'ଣ ହୋଇଛି। ଅଭିଯୋଗ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଖବରକାଗଜ ବିତରକଙ୍କ ବିୟୋଗରେ ଶୋକସଭା



ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ମାଷ୍ଟରକ୍ୟାଣ୍ଟିନ ଜୋନର ଖବରକାଗଜ ବିତରକ ନୃସିଂହ ଚରଣ ରାଉତଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ଭୁବନେଶ୍ୱର ନ୍ୟୁଜପେପର ସପ୍ଲାୟର୍ସ ଆସୋସିଏଶନ୍ ତରଫରୁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ଚରଣରେ ଶ୍ରଦ୍ଧାଞ୍ଜଳି ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସମସ୍ତ ବିତରକ, ସେମାନଙ୍କର ସହକର୍ମୀ ଓ କାଉଣ୍ଟରର ସମସ୍ତ କର୍ମଚାରୀଙ୍କ ସହ ଆସୋସିଏଶନର ସଭାପତି ଲିଙ୍ଗରାଜ ପାତ୍ର, ସମ୍ପାଦକ କମଳାକାନ୍ତ ଖାମୁରାଇ ଓ ସାଂସ୍କୃତିକ ସମ୍ପାଦକ ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଦେବରାୟ କଲେଜରେ ୨ ଗୋଷ୍ଠୀ ମାରପିଟ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ବାତିଲ ହେବା ପରେ ବି ଦେବରାୟ କଲେଜରେ ବାତାବରଣ ଅଶାନ୍ତ ରହିଛି। ନିର୍ବାଚନକୁ କେନ୍ଦ୍ର କରି ଗୁରୁବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଛି। ସୂଚନା ମୁତାବକ, କଲେଜ ଖୋଲିବା ପରେ ଗୋଟିଏ ଗୋଷ୍ଠୀର ଦୁଇ ଛାତ୍ର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଫର୍ମ ପୂରଣ କରିବା ଲାଗି ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କଲେଜକୁ ଯାଇଥିଲେ। ସେହି ସମୟରେ ଅନ୍ୟ ଗୋଷ୍ଠୀ ୧୦ରୁ ଊର୍ଦ୍ଧ୍ୱ ଛାତ୍ର ସେମାନଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ସହଯୋଗୀମାନେ ପହଞ୍ଚିବା ବେଳକୁ ମାଡ ମାରିଥିବା ଛାତ୍ରମାନେ ପଳାଇଥିଲେ। ଏ ନେଇ ଉଭୟ ପକ୍ଷରୁ ନୟାପଲ୍ଲୀ ଥାନରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ସମାଧାନ ଲାଗି ବାଟ କାଢୁଥିବା ବେଳେ ଦୁଇ ଗୋଷ୍ଠୀ ମାମଲା ରୁଜୁ ପାଇଁ ଜିଦ୍ ଧରିଛନ୍ତି। ପୋଲିସ ଉଭୟ ପକ୍ଷର ଛାତ୍ରଙ୍କୁ ଥାନାରେ ଅଟକ ରଖିଛି। ତେବେ ସନ୍ଧ୍ୟାରେ ଥାନାରେ ଅଟକ ଥିବା କେତେଜଣ ଛାତ୍ର ଗୀତ ଶୁଣୁଥିବା ସହ ସେଲଫି ନେବାର ଦେଖିବାକୁ ମିଳିଥିଲା। ସେମାନଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେମାନେ କହିଥିଲେ ଯେ ଥାନା ଅଧିକାରୀ ଅନେକ ସମୟ ଧରି ଅଟକାଇବା ସହ ମାମଲା ରୁଜୁ କରୁନାହାନ୍ତି। ଦିନରୁ ଅପେକ୍ଷାକରି ସନ୍ଧ୍ୟା ୬ଟା ହେଲାଣି। ତଥାପି ଆମ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ବୋର ହେବା ଅପେକ୍ଷା ଆମେ ଥାନା ଭିତରେ ସେଲଫି ନେଉଛୁ, ଗୀତ ଶୁଣୁଛୁ।

# ସବୁଜ ଦୀପାବଳିର ବାର୍ତ୍ତା ଦେଲେ କୁନି ଚିତ୍ରଶିଳ୍ପୀ

ପୁରୁଣାଭୁବନେଶ୍ୱର,୧।୧୧(ଡି.ଏନ୍.ଏ.)

ଦୀପାବଳିକୁ ନେଇ ଭୁବନେଶ୍ୱରସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ଥିବା ଅନୁଷ୍ଠାନ ଚିତ୍ରଶିକ୍ଷା ଅନୁଷ୍ଠାନ 'ଚିତ୍ରଶାଳା' ପକ୍ଷରୁ ଏକ ନିଆରା ଚିତ୍ରାଙ୍କନ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। କୁନି ଚିତ୍ରଶିଳ୍ପୀମାନେ ଦୀପାବଳିକୁ ବିନା ପ୍ରଦୂଷଣ ଏବଂ ବିପଦମୁକ୍ତ କରିବା ପାଇଁ ଚିତ୍ରରେ ସବୁଜ ଦୀପାବଳି ପାଳନର ବାର୍ତ୍ତା ଦେଇଛନ୍ତି। ଅନୁଷ୍ଠାନ ପରିସରରେ ବିଦ୍ୟାର୍ଥୀମାନେ ଇକୋ-ଫ୍ରେଣ୍ଡ୍‌ଲି ଦୀପାବଳିର ଉପାଦେୟତାକୁ ଚିତ୍ରରେ ଆଙ୍କିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଅନସୂୟା ସାହୁ ବିଦ୍ୟାର୍ଥୀଙ୍କ 'ସେ ନୋ ଟୁ କ୍ରାକର୍ସ'କୁ ସମର୍ଥନ କରି କହନ୍ତି, ଦେଶରେ ୫୦ ପ୍ରତିଶତ ବାୟୁ ପ୍ରଦୂଷଣ ଦୀପାବଳି ସମୟରେ ହୋଇଥାଏ। ବାଣରୁ ନିର୍ଗତ ଧୂଆଁରେ ସଲ୍‌ଫର ଡାଇଅକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍ ଓ କାର୍ବନ ମନୋକ୍ସାଇଡ୍ ଭଳି ମାରାତ୍ମକ ଗ୍ୟାସ ଥିବାରୁ ରୋଗ ସୃଷ୍ଟି କରେ। ଦୀପାବଳିରେ କମ୍ ଶବ୍ଦ ଓ ଧୂଆଁ ଥିବା ବାଣ ବ୍ୟବହାର ନେଇ ବିଦ୍ୟାର୍ଥୀମାନେ ଚିତ୍ର ପ୍ରସ୍ତୁତ କରି ପ୍ରଦର୍ଶିତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ମାନସ ବେଉରା ପ୍ରମୁଖ ଯୋଗଦେଇ କୁନିଶିଳ୍ପୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।



କୁନି ଶିଳ୍ପୀମାନେ ସବୁଜ ଦୀପାବଳି ପାଳନ ନେଇ ଚିତ୍ର ଅଙ୍କନ କରୁଛନ୍ତି।

# ସଡ଼କ ସୁରକ୍ଷା ବିଜ୍ଞାପନକୁ ନେଇ ବିବାଦ

କଟକ ଅଫିସ, ୧।୧୧

■ଆପତ୍ତିଜନକ ମନ୍ତବ୍ୟକୁ ନେଇ ବିରୋଧ

■ସଡକ ପରିବହନ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ

■ବିଜ୍ଞାପନ ପ୍ରତ୍ୟାହାର ଦାବି କଲେ ସାମାଜିକ କର୍ମୀ

କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ସଡକ ସୁରକ୍ଷା ଉପରେ ପ୍ରସାରିତ ବିଜ୍ଞାପନକୁ ନେଇ ବିବାଦ ଉପୁଜିଛି। ଏହି ବିଜ୍ଞାପନରେ ଅଭିନେତା ଅକ୍ଷୟ କୁମାର ଟ୍ରାଫିକ୍ ପୋଲିସ ଭାବେ ଅଭିନୟ କରିଛନ୍ତି। ମାତ୍ର ବିଜ୍ଞାପନଗୁଡିକ ଅତ୍ୟନ୍ତ ଆପତ୍ତିଜନକ ଓ ନାଗରିକଙ୍କ ପ୍ରତି ଅପମାନ ବୋଲି ସାମାଜିକ କର୍ମୀ ଅଖଣ୍ଡ ଅଭିଯୋଗ କରିଛନ୍ତି। ଟ୍ରାଫିକ୍ ଭଙ୍ଗ କରୁଥିବା ଗାଡି ଡ୍ରାଇଭରଙ୍କୁ ଟ୍ରାଫିକ୍ ପୋଲିସ ଜଣକ ଅଭଦ୍ରାମି ବ୍ୟବହାର କରିବା ସହିତ 'ରାସ୍ତା ତୁମ ବାପାର ନୁହେଁ' ବୋଲି କହୁଥିବା ଦେଖିବାକୁ ମିଳୁଛି। ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଅନେକ ବିଜ୍ଞାପନ ତା'ର ୱେବ୍‌ସାଇଟ୍, ବିଭିନ୍ନ ଟିଭି ଚ୍ୟାନେଲ୍ ଓ ସୋସିଆଲ୍ ମିଡିଆରେ ପ୍ରସାରିତ ହେଉଛି।ଏ ସଂକ୍ରାନ୍ତରେ ଅଖଣ୍ଡ ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିବା ସହିତ ଏହି ବିଜ୍ଞାପନକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି।

ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ଟ୍ରାଫିକ୍ ଭଙ୍ଗକାରୀଙ୍କଠାରୁ ଜରିମାନା ଆଦାୟ କରିବା ନିହାତି ଦରକାର। କିନ୍ତୁ କୌଣସି ପରିସ୍ଥିତିରେ ସେମାନଙ୍କୁ ଗାଳି କରିବା ପୋଲିସର ଅଧିକାର ନାହିଁ। ଏହା ଆଇନ ବିରୁଦ୍ଧ। କିନ୍ତୁ ଏସବୁ ବିଜ୍ଞାପନରେ ସବୁ ସୀମା ଟପିଯାଇଛି। ଏକ ବିଜ୍ଞାପନରେ ଟ୍ରାଫିକ ପୋଲିସ ଭୂମିକାରେ ଥିବା ଅକ୍ଷୟ କୁମାର ଗାଡି ଚାଳକଙ୍କ ବାପାଙ୍କୁ ଆକ୍ଷେପ କରୁଥିବାବେଳେ ଅନ୍ୟ ବିଜ୍ଞାପନରେ ଜଣେ ବ୍ୟକ୍ତିଙ୍କୁ ପୋଲିସ କର୍ମଚାରୀ ବାଲ୍ ଗଙ୍ଗାଧର ତିଲକଙ୍କ ପୁଅ ବୋଲି କହି ତାଚ୍ଛଲ୍ୟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜ୍ଞାପନର ଅନ୍ୟ ଏକ ଅଂଶରେ ଜଣେ ଯୁବକଙ୍କ ମୁହଁ ହାସ୍ୟ କଳାକାର ମେହମୁଦଙ୍କ ଭଳି ଦେଖାଯାଉଥିବା ବର୍ଣ୍ଣନା କରି ମେହମୁଦ୍ ତୁମ ବାପା କି ନାହିଁ ବୋଲି ପଚରାଯାଉଛି। ପ୍ରତ୍ୟେକ ନାଗରିକଙ୍କ ଆତ୍ମ ସମ୍ମାନ ଓ ମାନବିକ ଅଧିକାର ରହିଛି। କିନ୍ତୁ ଏଭଳି ବିଜ୍ଞାପନ ଏହାକୁ ସମ୍ମାନ ଦେଉନାହିଁ। ପୁନଶ୍ଚ ଏଭଳି ବିଜ୍ଞାପନ ମାଧ୍ୟମରେ ଲୋକମାନଙ୍କୁ ଗାଳି ଦେବା ପାଇଁ ପୋଲିସକୁ ପ୍ରୋତ୍ସାହିତ କରୁଛି ବୋଲି ଅଖଣ୍ଡ ଅଭିଯୋଗ କରିଛନ୍ତି।

# କଳାବ୍ୟାଜ୍ ପିନ୍ଧିଲେ ବିଶ୍ୱବିଦ୍ୟାଳୟ ଶିକ୍ଷକ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ବିଶ୍ୱବିଦ୍ୟାଳୟରେ ଥିବା ୟୁଜିସିପ୍ରାପ୍ତ ଅଧ୍ୟାପକଙ୍କୁ ରାଜ୍ୟ ସରକାର ୭ମ ବେତନ ହାରରେ ଦରମା ପ୍ରଦାନ କରୁନାହାନ୍ତି। ଏହାକୁ ବିରୋଧ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ମହାସଂଘ ଗୁରୁବାର କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବା ସହିତ ସରକାରଙ୍କ ଅବହେଳାର ପ୍ରତିବାଦ କରିଛି। ଏହି ପ୍ରତିବାଦ ଆସନ୍ତା ୯ ତାରିଖ ଯାଏ ଚାଲିବ ବୋଲି ମହାସଂଘର ଆବାହକ ସର୍ବ ନାରାୟଣ ମିଶ୍ର ଏବଂ ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି। ଅନ୍ୟ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକମାନେ ୭ମ ବେତନ ହାରରେ ଦରମା ପାଉଥିବାବେଳେ ଓଡ଼ିଶାରେ ଅଧ୍ୟାପକମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହାକୁ ମହାସଂଘ ବିରୋଧ କରୁଛି ବୋଲି ତ୍ରିପାଠୀ କହିଛନ୍ତି।



ଯେ କୌଣସି ବ୍ୟକ୍ତି ବା ଜାତି ଅନ୍ୟକୁ ଘୃଣାକରି ତିଷ୍ଠି ରହି ନ ପାରେ।

- ସ୍ୱାମୀ ବିବେକାନନ୍ଦ



# ଏଥର ଧୂଳିମୁକ୍ତ ହେବ ବାଲିଯାତ୍ରା

**କଟକ ଅଫିସ,୧।୧୧**

## କାର୍ପେଟରେ ଆଚ୍ଛାଦିତ ହେବ ସମଗ୍ର ପଡ଼ିଆ

ଆସନ୍ତା ୨୩ ତାରିଖରୁ କଟକରେ ଆରମ୍ଭ ହେବ ଐତିହାସିକ ବାଲିଯାତ୍ରା। ଉଚ୍ଛୁଳି ପଡ଼ିବ ସହର ସମେତ ମହାନଦୀପଠାରେ ଥିବା ବାଲିଯାତ୍ରା ପଡ଼ିଆ। ଏଥିପାଇଁ ଲୋକଙ୍କ ମଧ୍ୟରେ ଏବେଠୁ ଉତ୍କଣ୍ଠା ପ୍ରକାଶ ପାଇଥିବାବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ବାଲିଯାତ୍ରାକୁ ଅଧିକ ସଫଳ କରିବା ପାଇଁ କିଛି ନୂଆ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ବାଲିଯାତ୍ରାକୁ ଧୂଳିମୁକ୍ତ କରିବା ପାଇଁ ଉପର ଓ ତଳ ପଡ଼ିଆକୁ ସମ୍ପୂର୍ଣ୍ଣ ଭାବେ କାର୍ପେଟରେ ଆଚ୍ଛାଦିତ କରାଯିବ। ଏଥିପାଇଁ ପ୍ରକ୍ରିୟା ଚାଲିଥିବା ଜଣାପଡ଼ିଛି।

ବାଲିଯାତ୍ରା ବୁଲିବାକୁ ସମସ୍ତଙ୍କର ଇଚ୍ଛାଥାଏ। ବିଶେଷକରି ପରିବାର ସହ ବାଲିଯାତ୍ରା ବୁଲିବା ଓ ବିଭିନ୍ନ ସାମଗ୍ରୀ କିଣାକିଣି କରିବା ପାଇଁ ଲୋକେ ମାସ ମାସ ଧରି ଅପେକ୍ଷା କରିଥାନ୍ତି। ହେଲେ ଲୋକେ ବାଲିଯାତ୍ରା ପଡ଼ିଆରେ ପହଞ୍ଚିବାବେଳକୁ ଭିଡ଼ ଓ ଧୂଳି ଅଧା ଖୁସି ଛଡ଼େଇ ନିଏ। ବିଶେଷକରି ଧୂଳିରେ ଛୋଟପିଲା ଓ ବୟସ୍କ ଲୋକଙ୍କୁ ଧରି ବାଲିଯାତ୍ରା ବୁଲିବା ବହୁ ପରିବାର ପାଇଁ ସମ୍ଭବ ହୋଇ ନ ଥାଏ। ପ୍ରତିବର୍ଷ ଲୋକେ ସମ୍ମୁଖୀନ ହେଉଥିବା ଧୂଳି ସମସ୍ୟାର ସମାଧାନ ପାଇଁ ଚଳିତବର୍ଷ କଟକ ମହାନଗର ନିଗମ (ସିଏମ୍‌ସି) ନୂଆ ଯୋଜନା କରିଥିବା କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି। ତାଙ୍କ କହିବାନୁସାରେ, ବାଲିଯାତ୍ରା ତଳପଡିଆ ନଦୀଶଯ୍ୟା ହୋଇଥିବାରୁ ସନ୍ଧ୍ୟା ସମୟରେ ଏଠାରେ ପ୍ରବଳ ଧୂଳି ଉଡେ। ଦୁଇବେଳା ପାଣି ସିଞ୍ଚନ ସତ୍ତ୍ୱେ ପ୍ରବଳ ଲୋକଙ୍କ ସମାଗମ ଭିତରେ ଧୂଳିକୁ ରୋକିବା ସମ୍ଭବ ହୁଏନି। ହେଲେ ଏଥର ପାଖାପାଖି ୩୦ ଏକରରୁ ଅଧିକ ପରିବ୍ୟାପ୍ତ ଏହି ପୂରା ପଡିଆକୁ ମୋଟା କାର୍ପେଟ୍‌ରେ ଆଚ୍ଛାଦିତ କରାଯିବ। ଏଥିପାଇଁ ୮ ଲକ୍ଷ ଟଙ୍କା ବ୍ୟୟ କରାଯିବାକୁ ପ୍ରାଥମିକ ଭାବେ ଆକଳନ କରାଯାଇଛି। ଏଥିପାଇଁ ବଡ଼ ବଡ଼ ସଭାସମିତିର ଟେଣ୍ଟ କାମ କରୁଥିବା ଡେକୋରେଟରଙ୍କ ସହ ଆଲୋଚନା କରିଛି ମହାନଗର ନିଗମ। କେତେକ ଡେକୋରେଟର ସିଏମ୍‌ସିକୁ ବିଛାଯିବାକୁ ଥିବା କାର୍ପେଟ୍‌ର ସାମ୍ପୁଲ ଏବଂ ଆନୁମାନିକ ଖର୍ଚ୍ଚର ବଜେଟ ଦେବେ ବୋଲି ଜଣାପଡ଼ିଛି।

ସହରର ଏକ ବହୁ ପୁରୁଣା ଟେଣ୍ଟ ହାଉସର ମାଲିକ କହିଛନ୍ତି, ପୂରା ବାଲିଯାତ୍ରା ପଡ଼ିଆକୁ କାର୍ପେଟ ବିଛାଇବା ସମ୍ଭବ। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସଭା ସମେତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏଭଳି ବ୍ୟବସ୍ଥା କରାଯାଇସାରିଛି। ଅନେକ ସମୟରେ ଦେଖାଯାଏ ବାଲିଯାତ୍ରା ଆରମ୍ଭର ପ୍ରଥମ ଦିନ ବହୁ କମ୍ପାନୀ ଏବଂ ଦୋକାନ ବଜାର ସେମାନଙ୍କ ଷ୍ଟଲ ନିର୍ମାଣ କାମ ସାରି ନ ଥାନ୍ତି। କାର୍ପେଟ ବିଛାଯିବା ପୂର୍ବରୁ ଷ୍ଟଲ ନିର୍ମାଣ ସରିବା ଦରକାର। ସେହିପରି ଏହା ପରେ ମଧ୍ୟ ପଡିଆ ମଧ୍ୟକୁ ଗାଡିମୋଟର ଯାଆସ ଉପରେ ଅଙ୍କୁଶ ଲଗାଯିବା ଆବଶ୍ୟକ। ନଚେତ୍ କାର୍ପେଟ ସବୁ ନଷ୍ଟ ହୋଇଯିବ ଓ ଭିଡ଼ ଭିତରେ ମରାମତି ସମ୍ଭବ ହେବନି। ଫଳରେ ବାଲିଯାତ୍ରା ପଡ଼ିବାରେ ପୂର୍ବଭଳି ଧୂଳି ଉଡ଼ିବ। ତେଣୁ ଏହି ସବୁ ବିଷୟକୁ ନଜର ଦେଇ କାର୍ପେଟ ବିଛାଗଲେ ବାଲିଯାତ୍ରା ବୁଲିବାକୁ ଲୋକଙ୍କ ଆଗ୍ରହ ଆହୁରି ବଢିବ ବୋଲି କହିଛନ୍ତି ବାଲିଯାତ୍ରା ବ୍ୟବସାୟୀ ସଂଘ ସମ୍ପାଦକ ପିନୁ ମହାନ୍ତି। ଏ ସଂକ୍ରାନ୍ତରେ ତହସିଲଦାର, ବାଲିଯାତ୍ରା ବ୍ୟବସାୟୀ ସଂଘ ଏବଂ ସେସୁ ସହ ଆଲୋଚନା କରି ସେମାନଙ୍କୁ ବାଲିଯାତ୍ରା ଆରମ୍ଭର ପ୍ରଥମ ଦିନରୁ ହିଁ ସବୁ କାମ ସାରିବାକୁ କୁହାଯିବ ବୋଲି କମିଶନର ନାୟକ କହିଛନ୍ତି।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ କେନାଲରୁ ଉଦ୍ଧାର

**ମାହାଙ୍ଗା/ଲଳିତଗିରି,୧।୧୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ଜୟପୁର ଫାଣ୍ଡି ଅଧୀନ ତ୍ରିବେଣୀଶ୍ୱରସ୍ଥିତ ବରାହିପୁର ନିକଟ ପଞ୍ଚାମୁଣ୍ଡାଇ କେନାଲରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ସାଲେପୁର ଥାନା ବାଲିସମଳା ଗ୍ରାମର ଶିଶିର କୁମାର ଦାସଙ୍କ ପୁତ୍ର ସଞ୍ଜିତ ଦାସ(୩୨)। ବୁଧବାରଠାରୁ ସେ ନିଖୋଜ ଥିବା ନେଇ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ସଞ୍ଜିତ ସାଇକେଲ ନେଇ ଘରୁ ଗୋପୀନାଥପୁର ଗ୍ରାମକୁ ଯାଇ ଆଉ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରି ଗୋପୀନାଥପୁରସ୍ଥିତ ପଞ୍ଚାମୁଣ୍ଡାଇ କେନାଲ ଉପରୁ ତାଙ୍କ ସାଇକେଲ ପାଇଥିଲେ। ମାତ୍ର ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଗୁରୁବାର ମଧ୍ୟାହ୍ନରେ ତ୍ରିବେଣୀଶ୍ୱର ବରାହିପୁର ନିକଟ କେନାଲପାଣିରେ ଏକ ମୃତଦେହ ଭାସୁଥିବା ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ସଞ୍ଜିତଙ୍କୁ ଚିହ୍ନଟ କରିଥିଲେ। ପରେ ଜୟପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ (ନଂ-୧୭/୧୮)ରେ ମାମଲା ରୁଜୁ କରିଛି। ଏଥିସହ କଟକ ବଡ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଅପହୃତା ନାବାଳିକା ଉଦ୍ଧାର ଅପହରଣକାରୀ କୋର୍ଟ ଚାଲାଣ

**ସାଲେପୁର,୧।୧୧(ଡି.ଏନ୍.ଏ.):** ସାଲେପୁରସ୍ଥିତ ଏକ କୋଚିଂ ସେଣ୍ଟରରୁ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗୁରୁବାର ସାଲେପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ସଦର ଥାନା ଅନ୍ତର୍ଗତ ପବିତ୍ରପଡ଼ାସ୍ଥିତ ଶ୍ରୀଧରପୁର ଗ୍ରାମର ସ୍ମିତନ୍ ଦାସ ଓରଫ୍ ଛୋଟୁ(୧୯)। ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଏହାଏକ ପ୍ରେମ ଜନିତ ଘଟଣା ବୋଲି ଚର୍ଚ୍ଚା ହେଉଥିବା ବେଳେ ପରିବାର ପକ୍ଷରୁ ଅପହରଣ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ନାବାଳିକା ଜଣକ ଅକ୍ଟୋବର ୨୭ରେ ପାଠ ପଢ଼ିବାକୁ କୋଚିଂ ସେଣ୍ଟରୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏନେଇ ତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ (ନଂ- ୨୫୩/୧୮)ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିଲା। ସ୍ମିତନ୍ ସମ୍ପୃକ୍ତ ନାବାଳିକାଙ୍କ ସହ ପୁରୀ ଯାଇଥିବା ନେଇ ବୁଧବାର ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ଉଭୟ ପୁରୀରୁ ବସ୍ ଯୋଗେ କେନ୍ଦ୍ରାପଡା ଯାଉଥିବା ବେଳେ ସାଲେପୁରସ୍ଥିତ କୁଳିଆ ବଜାର ନିକଟରୁ ପୋଲିସ ସେମାନଙ୍କୁ ଧରିଥିଲା। ଏହି ଘଟଣାରେ ସ୍ମିତନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସାଲେପୁର ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

### ଟିଗିରିଆରେ ବ୍ଲକସ୍ତରୀୟ ନିଯୁକ୍ତି ଶିବିର



**ଟିଗିରିଆ,୧।୧୧(ଡି.ଏନ.ଏ.):** ଓରମାସ ଆନୁକୂଲ୍ୟରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଟିଗିରିଆରେ ଗୁରୁବାର ବ୍ଲକସ୍ତରୀୟ ନିଯୁକ୍ତି ବୁଝାମଣା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୧୨ଜଣ ଶିକ୍ଷିତ ବେକାର ଯୁବତୀ ଯୁବକ ଏଥିରେ ନିଜର ନାମ ପଞ୍ଜୀକରଣ କରିଥିଲେ। ଏହି ଅବସରରେ ୭୧ଜଣଙ୍କୁ ବିଭିନ୍ନ ସଂସ୍ଥାରେ ପ୍ରଶିକ୍ଷଣ ଦେବା ପାଇଁ ମନୋନୀତ କରାଯାଇଥିଲା। ଏହି ନିଯୁକ୍ତି ଶିବିରରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରୂପା ଦଳେଇ ଏବଂ ଉପାଧକ୍ଷ ଗୌରହରି ପରିଡ଼ା ଯୋଗଦେଇଥିଲେ। ବିଡ଼ିଓ ତପନ କୁମାର ଖୁଣ୍ଟିଆ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ କର୍ମଚାରୀ ପ୍ରକଳ୍ପ ସହାୟକ ପ୍ରଫୁଲ୍ଲ କୁମାର ସାହୁ, ବ୍ଲକସ୍ତରୀୟ ସଂଯୋଜକ ଦିଲୀପ କୁମାର ଦାସ, ଓରମାସର ଜିଲା ସଂଯୋଜକ ବିଭୂତି ଭୂଷଣ ଛାଟୋଇ ଓ ସହକାରୀ କାର୍ଯ୍ୟ ନିର୍ବାହୀ ଶ୍ରୀକାନ୍ତ ପରିଜା ପ୍ରମୁଖ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





ସିପିଆଇ କର୍ମୀମାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସେସୁ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ କର୍ମୀଙ୍କ ଗଣ ବିକ୍ଷୋଭ

**ସାଲେପୁର,୧।୧୧(ଡି.ଏନ୍.ଏ.)**

ବିଭିନ୍ନ ଦାବି ନେଇ ଗୁରୁବାର ସାଲେପୁରସ୍ଥିତ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ କର୍ମୀଙ୍କ ପକ୍ଷରୁ ଗଣବିକ୍ଷୋଭ କରାଯାଇଛି। ସେମାନଙ୍କ ଦାବିଗୁଡିକ ମଧ୍ୟରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ଓ ତାରକୁ ତୁରନ୍ତ ବଦଳାଇବା, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ୍ ସଂଶୋଧନ, ଅଘୋଷିତ ବିଦ୍ୟୁତ୍‌କାଟ ନ କରିବା, ଘରୋଇ ବିଦ୍ୟୁତ୍ କମ୍ପାନୀକୁ ହଟାଇବା ଓ ବିଦ୍ୟୁତ୍ କମ୍ପାନୀ ଦ୍ୱାରା ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ଦାବି ଆଦି ଅନ୍ତର୍ଭୁକ୍ତ ରହିଛି। ଏସବୁ ଦାବି ନେଇ ସିପିଆଇ ଜିଲା କମିଟି ସହ ସମ୍ପାଦକ ତଥା ମୁତାରିଫା ପଞ୍ଚାୟତର ସମିତିସଭ୍ୟ ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ତହସିଲ ଅଫିସରୁ ବାହାରି ବଜାର ପରିକ୍ରମା କରି ସାଲେପୁର ସେସୁ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏହି ଅବସରରେ ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସାଲେପୁର ଏସ୍‌ଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ଗଣ ବିକ୍ଷୋଭରେ ଶ୍ରମିକ ନେତା ତ୍ରୈଲୋକ୍ୟ ନାଥ, ଅମରେନ୍ଦୁ ମହାନ୍ତି, ଆୟୁବ ଅହମ୍ମଦ, ଅସଲମ୍ ଖାଁ, କରିମଉଲ୍ଲା ଖାଁ, ପ୍ରତାପ ଚୋଳ, କୈଳାସ ବାରିକ ଓ ଦିଲପ ବେହେରା ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ବାରିକ, ତପନ ସାହୁ, ପ୍ରୀତିରଞ୍ଜନ ବେହେରା, ଶେଖ ସାବିର ପ୍ରମୁଖ ପରିଚାଳନା କରିଥିଲେ।

# ମଧ୍ୟାହ୍ନଭୋଜନରେ ଝିଟିପିଟି

**ସାଲେପୁର,୧।୧୧(ଡି.ଏନ୍.ଏ.)**

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ

ସାଲେପୁର ବ୍ଲକ୍ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନ ରୋଷେଇ ସମୟରେ ଝିଟିପିଟି ପଡିଥିବା ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ଉକ୍ତ ଖାଦ୍ୟ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପିଲାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ପରେ ସେମାନଙ୍କୁ ବୁଝାଶୁଝା କରି ଘଟଣାକୁ ସମାଧାନ କରିଦିଆଯାଇଛି। ଅପରପକ୍ଷେ ଝିଟିପିଟି ପଡିଥିବା ଡାଲମା ଖାଇ ବିଦ୍ୟାଳୟର ୨ୟ ଶ୍ରେଣୀ ଛାତ୍ର ଅଭିଜିତ୍ ସାହୁ ଅସୁସ୍ଥ ହୋଇପଡିଥିବା ନେଇ ତାଙ୍କ ବାପା ଅକ୍ଷୟ କୁମାର ସାହୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଅଭିଜିତ୍ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରିବା ପରେ ତାଙ୍କ ପେଟ କାଟିବା ସହ ବାନ୍ତି ହୋଇଥିଲା। ଔଷଧ ଖାଇବା ପରେ ଏବେ ଅଭିଜିତ୍ ସୁସ୍ଥ ଅଛନ୍ତି ବୋଲି ତାଙ୍କ ବାପା କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ। ଅଭିଜିତ୍‌ଙ୍କ ବ୍ୟତୀତ ଏହି ଖାଦ୍ୟ ଖାଇଥିବା ଅନ୍ୟ କୌଣସି ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଅଦ୍ୟାବଧି ନଜରକୁ ଆସିନାହିଁ।

# ଭାଜପାର ବ୍ଲକ ଘେରାଉ

**ଆଠଗଡ,୧।୧୧ (ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ନୀତି ଆଦି ଦର୍ଶାଇ ରାଜ୍ୟ ଭାଜପା ନିର୍ଦ୍ଦେଶମତେ ଆଠଗଡ ଭାଜପା ଶାଖା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସ୍ଥାନୀୟ ଷ୍ଟାଡିୟମ ଛକରୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ବିଭୂତି ଭୂଷଣ ମିଶ୍ରଙ୍କ ନେତୃତ୍ୱରେ ଏକ ମୋଟରସାଇକେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଆଠଗଡ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ମିଶ୍ରଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ପ୍ରତିବାଦ ସଭାରେ ରାଜ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ବିଶ୍ୱସୁନ୍ଦର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନ୍ମଥ ମିଶ୍ର, ବରିଷ୍ଠ ନେତା ବ୍ରଜେନ୍ଦ୍ର କୁମାର ରାୟ, ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକ ରଶ୍ମିରେଖା ଦାସ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସଂଯୁକ୍ତା ତ୍ରିପାଠୀ, ଜିଲାକାର୍ଯ୍ୟକାରିଣୀ ସଦସ୍ୟା ସ୍ୱାଗତା ପଟ୍ଟନାୟକ, ଇଲା ପଣ୍ଡା, ବିକ୍ରମ ଦାଶ, ରାମନାରାୟଣ ମହାନ୍ତି ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଆଠଗଡ ଆରକ୍ଷୀ ଉପାଧ୍ୟକ ପ୍ରକାଶ ଚନ୍ଦ୍ର ପାଲ, କଟକ ଗ୍ରାମାଞ୍ଚଳ ଆରକ୍ଷୀ ଉପାଧକ୍ଷ ଦେବଦତ୍ତ ବରାଳ, ଆଠଗଡ ଥାନାଅଧିକାରୀ ପଦାରବିନ୍ଦ ତ୍ରିପାଠୀ ଓ ଖୁଣ୍ଟୁଣୀ ଥାନା ଅଧିକାରୀ ସତ୍ୟବ୍ରତ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକ୍ଷୋଭ ସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।



ପୋଡ଼ିଯାଇଥିବା ପିକ୍‌ଅପ୍ ଭ୍ୟାନ୍।

### ପିକ୍‌ଅପ୍ ଭ୍ୟାନ୍ ପୋଡ଼ି

# ବେଆଇନ ଗୋରୁ ଚାଲାଣ ସନ୍ଦେହ

**ଲଳିତଗିରି,୧।୧୧(ସ୍ୱ.ପ୍ର.)**

ଲଳିତଗିରି ବ୍ଲକ ଅନ୍ତର୍ଗତ ବୌଦ୍ଧବିହାର ମ୍ୟୁଜିୟମ ନିକଟସ୍ଥ ରାସ୍ତାକଡରୁ ଗୁରୁବାର ଏକ ପୋଡା ପିକଅପ୍ ଭ୍ୟାନ ଉଦ୍ଧାର ହୋଇଛି। ଭ୍ୟାନ ଡାଲାରୁ ଛଣ ଓ ଗୋବର ଦେଖି ଏଥିରେ ଗୋରୁ ଚାଲାଣ ହେଉଥିବା ସନ୍ଦେହ ହୋଇଛି। ଭ୍ୟାନରେ ସୁକରପଡା ଅଞ୍ଚଳରୁ ବେଆଇନ ଭାବେ ରାତିରେ ଗୋରୁ ଚାଲାଣ ହେଉଥିବା ସ୍ଥାନୀୟ ବାଲିଚନ୍ଦ୍ରପୁର ଓ ଲଳିତଗିରିରେ ଚର୍ଚ୍ଚା ହେଉଛି। ତେବେ ଭ୍ୟାନକୁ କିଏ ପୋଡିଛି ଏପର୍ଯ୍ୟନ୍ତ ଜଣାପଡିନାହିଁ। ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା ବୋଲି ମାହାଙ୍ଗା ଥାନା ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟ, ମାହାଙ୍ଗା ଅଞ୍ଚଳରେ ବେଆଇନ ଗୋରୁ ଚାଲାଣ ବୃଦ୍ଧି ପାଇଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୬ ଜୁଲାଇ ୧୧ରେ କୁଆଁପାଳ ନିକଟସ୍ଥ ପଶୁଲୁଣ୍ଡା ଗୋବରୀ ନଦୀପୋଲ ଦେଇ ଏକ ଦଶଚକିଆ ଗାଡି ଭୋରୁ ଗୋରୁ ଚୋରା ଚାଲାଣ କରୁଥିବା ବେଳେ ଭାରସାମ୍ୟ ହରାଇ ନଦୀରେ ଖସିପଡିଥିଲା। ଫଳରେ ଗାଡିରେ ଥିବା ୨୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଲୋକେ ଉତ୍ତ୍ୟକ୍ତ ହୋଇ ସେତେବେଳେ ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୋଡିଦେଇଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ଯୋଗଦେଇଥିବା ବିଜେଡି କର୍ମୀମାନେ।

**ଆଠଗଡ, ୧।୧୧ (ସ୍ୱ.ପ୍ର.)**

ଆଠଗଡ ବିଜେଡ ପକ୍ଷରୁ ବ୍ଲକ ଅନ୍ତର୍ଗତ ୩ ନଂ ଜୋନସ୍ଥିତ ବେଣ୍ଟପଦା ପଞ୍ଚାୟତରେ ଗୁରୁବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ବେଣ୍ଟପଦା ଶିବମନ୍ଦିରରୁ ବାହାରି ଧନୁର୍ଜୟପୁର, ରାଧାକାନ୍ତପାଟଣା ଓ ହଂସଭୂଇଁ ଦେଇ ବାଲିପଦା ଗ୍ରାମରେ ଶେଷ ହୋଇଥିଲା। ପଦଯାତ୍ରାରେ ରାଜ୍ୟ ସରକାରଙ୍କର ବିଭିନ୍ନ ସଫଳ ଯୋଜନା ଓ କେନ୍ଦ୍ର ସରକାରଙ୍କର ବିଫଳତା ବିଷୟରେ ଜଣସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥିରେ ବ୍ଲକ ମହିଳା ବିଜେଡି ସଭାପତି ବାସନ୍ତୀ ରାଉଳ, ଲକ୍ଷ୍ମୀପ୍ରିୟା ବେହେରା, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ସମିତିସଭ୍ୟା ରୋଜି ଓଝା, ସ୍ଥାନୀୟ ସରପଞ୍ଚ କନକଲତା ସାହୁ, ଜିଲାପରିଷଦ ସଭ୍ୟା ଜାନକୀଲତା ନାୟକ, ଚୈତନ୍ୟ ସାହୁ, ପବିତ୍ର କୁମାର ସାହୁ, ବଳଭଦ୍ର ବାଘ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ସ୍ୱାଇଁ ଓ ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ୧ ନଂ ଜୋନର ସମସରପୁର ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛ। ଏହି ପଦଯାତ୍ରା ନୂଆଁଆଙ୍କୁଲାଠାରୁ ବାହାରି ଅମୃତମଣୋହିପାଟଣା ଠାରେ ଶେଷ ହୋଇଥିଲା। ଆଠଗଡ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ସ୍ଥାନୀୟ ସରପଞ୍ଚ ସୁଚିସ୍ମିତା ବେହେରା, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଟକ ଜିଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ପୂର୍ବତନ ସରପଞ୍ଚ ଅଜୟ କୁମାର ସ୍ୱାଇଁ, ପ୍ରଦୀପ୍ତ ଦାସ, ପ୍ରଶାନ୍ତି ବେହେରା ଓ ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ୩୪ ପଞ୍ଚାୟତ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ସାଲେପୁର,୧।୧୧(ଡି.ଏନ୍.ଏ.)**

ସାଲେପୁର ବ୍ଲକ ପରିସରରେ ନୂତନ ହିତାଧିକାରୀମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ୍ ଅଧକ୍ଷା ମମତା ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରକାଶଚନ୍ଦ୍ର ବେହେରା ଯୋଗଦେଇ ବ୍ଲକ୍‌ର ୩୪ ପଞ୍ଚାୟତର ୯୬୪ଜଣ ହିତାଧିକାରୀମାନଙ୍କୁ ନୂତନ ଭତ୍ତା ଓ ୧୯୭ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ସେହିପରି ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିବବ୍ରତ ଘୋଷ ଓ ପ୍ରସନ୍ନ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହିମାଂଶୁ ଭୂଷଣ ସାହୁ, ବିକାଶ ପ୍ରଧାନ, ସମ୍ରାଟ କେଶରୀ ଲେଙ୍କା, ତରିତୋ ପଞ୍ଚାୟତ ସରପଞ୍ଚ ଅରବିନ୍ଦ ବିଶ୍ୱାଳ, ଗଣେଶ୍ୱର ରାଉତ ଓ ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଙ୍କ କୃତିତ୍ୱ

**ବାଙ୍କୀ, ୧।୧୧ (ସ୍ୱ.ପ୍ର.)**

ବାଙ୍କୀ ଡମପଡ଼ା ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଶୁଭାଶିଷ ମନ୍ତ୍ରୀ ଚଳିତ ବର୍ଷ ପ୍ରାଥମିକ ସ୍କୁଲ୍ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ବିଲିମନ୍ତ୍ରୀ ସାହିର ରବୀନ୍ଦ୍ର ମନ୍ତ୍ରୀ ଓ ମିତାରାଣୀ ମନ୍ତ୍ରୀଙ୍କ ପୁତ୍ର। ତାଙ୍କର ଏହି ସଫଳତା ପାଇଁ ଶିକ୍ଷକ ଅରୁପୃଷ୍ଟି ଓ ବିରଞ୍ଚି ମହାପାତ୍ରଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ଏଥିସହ ବିଦ୍ୟାଳୟର ଗୁରୁମା,ଗୁରୁଜୀ ଏବଂ ପରିବାର ବର୍ଗଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଭବିଷ୍ୟତରେ ନିଜକୁ ପୋଲିସ୍ ସେବାରେ ନିୟୋଜିତ କରିବା ପାଇଁ ସେ ଆଶାପୋଷଣ କରିଛନ୍ତି। ଶୁଭାଶିଷ ୨୦୧୭-୧୮ ଓ ୨୦୧୮-୧୯ ବର୍ଷପାଇଁ ପ୍ରତ୍ୟେକ ମାସରେ ୧୦୦ଟଙ୍କା ଲେଖାଏଁ ବୃତ୍ତି ପାଇବେ ବୋଲି ଡମପଡ଼ ବ୍ଲକ ଶିକ୍ଷା ଅଧିକାରୀ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି।

### ଗଣକବିଙ୍କ ୧୩୬ ତମ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ବୈଷ୍ଣବ ପାଣି ଥିଲେ ଜନମାନସର କବି

**ମାହାଙ୍ଗା, ୧।୧୧(ସ୍ୱ.ପ୍ର.)**

ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୩୬ ତମ ଜୟନ୍ତୀ ଉତ୍ସବ କବିଙ୍କ ସାଧନାପୀଠ ମାଳିହତା କ୍ଷେତ୍ରପାଳିନୀ ମନ୍ଦିର ପରିସରରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ମହିଳା,ଶିଶୁ ବିକାଶ ଓ ସାମାଜିକ ନିରାପତ୍ତା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଗଣକବି ବୈଷ୍ଣବ ପାଣି ଗଣମାନସର କବି ଥିଲେ ବୋଲି କହିଥିଲେ। ତାଙ୍କ ରଚିତ ଗୀତିନାଟ୍ୟ, ଗୀତାଭିନୟ ସୁଆଙ୍ଗ ଆଦି ସାଧାରଣ ଲୋକଙ୍କ ହୃଦୟକୁ ସ୍ପର୍ଶ କରିପାରୁଥିଲା ବୋଲି ସାମଲ ମତବ୍ୟକ୍ତ କରିଥିଲେ। ଏଥିରେ ବିଶିଷ୍ଟ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟବକ୍ତାଭାବେ କବି ତଥା ବରିଷ୍ଠ ଖବରଦାତା ଭକ୍ତଚରଣ ସାହୁ, ସମ୍ମାନିତ ବକ୍ତାଭାବେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ସମ୍ମାନିତ ଅତିଥିଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ରିଆ ଦେ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାଜ କିଶୋର ଜେନା, ସାମାଜିକ କର୍ମୀ ଅମର ନାୟକ, ସରପଞ୍ଚ ରଞ୍ଜିତା ମହାନ୍ତି ଓ ସମିତିସଭ୍ୟା ଚାରୁଲତା ନିହାଣ ପ୍ରମୁଖ ଯୋଗ ଦେଇ କବିଙ୍କ ଜୀବନ ଦର୍ଶନ ଏବଂ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂସଦର ସଂଗଠନ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳଙ୍କୁ ଗଣକବି ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ କୁଳମଣି ସାମଲଙ୍କୁ ବରିଷ୍ଠ ବିଚାରକଭାବେ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ବିଶ୍ୱନାଥ ମିଶ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସଂସଦର ସମ୍ପାଦକ ହୃଷୀକେଶ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାକ୍ତନ ସରପଞ୍ଚ ଧନେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ସଂଯୋଜକ ପନ୍ନଙ୍ଗ ଭୂଷଣ ଦାସ, ବିଦ୍ୟାଧର ସେନାପତି, ଶରତ ମହାନ୍ତି, ବିବେକାନନ୍ଦ ସାହୁ, ଗୋବିନ୍ଦ ଚନ୍ଦ୍ର ନିହାଣ, ମନୋଜ ବେହେରା, ହୃଷୀକେଶ ଦଳାଇ ଓ ରାଜେଶ ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଆଖଣ୍ଡଳମଣି ସାଂସ୍କୃତିକ କ୍ଲବ୍ ଗୌଡପଡା ପକ୍ଷରୁ ମହିଷାସୁର ବଧ ଓ ବିନାୟକ କ୍ଲବ୍ ଧଉଳିଆ ପକ୍ଷରୁ ଜଳନ୍ଧର ବଧ ପାଣି ଗୀତିନାଟ୍ୟ ପରିବେଷଣ କରାଯାଇଥିଲା।



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।



ଯେ କୌଣସି ବ୍ୟକ୍ତି ବା ଜାତି ଅନ୍ୟକୁ ଘୃଣାକରି ତିଷ୍ଠି ରହି ନ ପାରେ।

- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଏଟିଏମ୍ ଲୁଟ୍ ଉଦ୍ୟମ: ୫ ଗିରଫ



**କଟକ ଅଫିସ,୧।୧୧:** ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣାରେ କଟକ ସଦର ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ୫ନଂ. ଗଳିରେ ରହୁଥିବା ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ସଡେରିଆର ସୁଦର୍ଶନ ମଲ୍ଲିକ, ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାରଳା କନକପୁରର ସିଦ୍ଧିସ୍ୱରୂପ ରାଉଳ ଓରଫ ସାହିଲ(୨୧), ରାଜେଶ କୁମାର ଗାହାଣ ଓରଫ ବିକି(୨୪) ଅନିଲ କୁମାର ବେହେରା(୧୯) ଓ ଅଂଶୁମାନ ଅଭିଜିତ ସାହୁ ଓରଫ ରାଜା(୨୩)। ସେମାନଙ୍କଠାରୁ ପୋଲିସ ୬ଟି ମୋବାଇଲ ଫୋନ, ଗ୍ୟାସ ସିଲିଣ୍ଡର, ଗ୍ୟାସ କଟର, ଗ୍ୟାସ ପାଇପ, ଲାପଟପ, ମନିପର୍ସ, ୪୦୦ ଗ୍ରାମ୍‌ର ରୁପା ଅଳଙ୍କାର, କ୍ୟାମେରା, କାର (ଓଡି-୦୨-ଏଆର-୧୫୧୩)କୁ ଜବତ କରିଛି । ସୂଚନାଯୋଗ୍ୟ, ଅକ୍ଟୋବର ୧୨ରେ ସଦର ଥାନା ଅନ୍ତର୍ଗତ ୪୨ମୌଜା ବେଣ୍ଟକାର ମହାନ୍ତି ପ୍ଲାଜା ମାର୍କେଟ କମ୍ପ୍ଲେକ୍ସରେ ଥିବା ଟାଟା ଇଣ୍ଡି କ୍ୟାସ୍ ଏଟିଏମରୁ ଅଭିଯୁକ୍ତମାନେ ଲୁଟ୍ ଉଦ୍ୟମ କରୁଥିବାବେଳେ ନିଆଁ ଲାଗିଯାଇଥିଲା। ଟିସିପିଏସଆଇରର ଏଟିଏମ ଅଫିସର ଦେବାଶିଷ ଚୌଧୁରୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ନଂ. ୩୯୭/୧୮ ରୁଜୁ କରି ତଦନ୍ତ ଚଳାଇଥିଲା। ସୁଦର୍ଶନ ଚଳାଉଥିବା ଉପରୋକ୍ତ ଓଲା କ୍ୟାବ୍‌କୁ ଭଡାରେ ଆଣି ଏହି ଲୁଟ୍ କରିବାକୁ ଉଦ୍ୟମ କରିଥିଲା ବୋଲି ଡିସିପି ଅଖିଳେଶ୍ୱର ସିଂହ ସୂଚନା ଦେଇଛନ୍ତି।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମାନବ ବିକାଶର ସାର୍ଟିଫିକେଟ ପାଠ୍ୟକ୍ରମ

**କଟକ ଅଫିସ, ୧।୧୧:** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମାନବ ବିକାଶର ଏକ ନୂତନ ସାର୍ଟିଫିକେଟ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପାଠ୍ୟକ୍ରମରେ ମାନବ ବିକାଶର ଉଭୟ ବୈଦିକ ଓ ଆଧୁନିକ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରାଯିବ। ଏହି ପାଠ୍ୟକ୍ରମ ପାଇଁ ଆବେଦନ କରିବାର ଶେଷ ତାରିଖ ହେଉଛି ଆସନ୍ତା ୧୭ ତାରିଖ। ଆସନ୍ତା ଜାନୁୟାରୀ ମାସରେ ଏହି ପାଠ୍ୟକ୍ରମ କ୍ଲାସ ଆରମ୍ଭ ହେବ ଏବଂ ଚାରିମାସ ଧରି ପ୍ରତ୍ୟେକ ଶନିବାର ଓ ରବିବାର ଶିକ୍ଷାଦାନ କରାଯିବ। ମାନବ ବିକାଶ ପାଠ୍ୟକ୍ରମ ଦର୍ଶନ ଶାସ୍ତ୍ର, ବେଦାନ୍ତ, ଯୋଗ, ସମାଜବିଜ୍ଞାନ, ରାଜନୀତି ବିଜ୍ଞାନର ଏକ ଅପୂର୍ବ ସମାହାର ଅଟେ। ଏହି ପାଠ୍ୟକ୍ରମରେ ମାନବ ଦର୍ଶନ ମାଧମରେ ମାନବ ବିକାଶର ଏକ ନୂଆ ଦିଗ ନିର୍ଦ୍ଧାରଣ ହୋଇ ମଣିଷର ଜୀବନଶୈଳୀକୁ ଉନ୍ନତ କରି ସମାଜର ମଙ୍ଗଳ ହୋଇପାରିବ। ଏହି ପାଠ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ସେମାନଙ୍କ ମଧରୁ ଇଂଲଣ୍ଡ ରୟାଲ ଶିଶୁରୋଗ ଚିକିତ୍ସାଳୟର ଡ. ଯାମିନୀ ଚୌହାନ, ଚଣ୍ଡିଗଡ଼ ସରକାରୀ ହୋମସାଇନ୍ସ କଲେଜର ସେବାନିବୃତ୍ତ ପ୍ରଫେସର ଜଗଜ୍ଜୀବନ କୋର, ପୁରୀର ପ୍ରଖ୍ୟାତ ଜ୍ୟୋର୍ତିବିଦ ପଣ୍ଡିତ ସଞ୍ଜୟ ରଥ ପ୍ରମୁଖ ରହିଛନ୍ତି।

# ଏଥର ଧୂଳିମୁକ୍ତ ହେବ ବାଲିଯାତ୍ରା

କଟକ ଅଫିସ,୧।୧୧

ଆସନ୍ତା ୨୩ ତାରିଖରୁ କଟକରେ ଆରମ୍ଭ ହେବ ଐତିହାସିକ ବାଲିଯାତ୍ରା। ଉଚ୍ଛୁଳି ପଡ଼ିବ ସହର ସମେତ ମହାନଦୀ ପଠାରେ ଥିବା ବାଲିଯାତ୍ରା ପଡ଼ିଆ। ଏଥିପାଇଁ ଲୋକଙ୍କ ମଧ୍ୟରେ ଏବେଠୁ ଉତ୍କଣ୍ଠା ପ୍ରକାଶ ପାଇଥିବାବେଳେ ପ୍ରଶାସନ ପକ୍ଷରୁ ମଧ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ବାଲିଯାତ୍ରାକୁ ଅଧିକ ସଫଳ କରିବା ପାଇଁ କିଛି ନୂଆ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ବାଲିଯାତ୍ରାକୁ ଧୂଳିମୁକ୍ତ କରିବା ପାଇଁ ଉପର ଓ ତଳ ପଡ଼ିଆକୁ ସମ୍ପୂର୍ଣ୍ଣ ଭାବେ କାର୍ପେଟରେ ଆଚ୍ଛାଦିତ କରାଯିବ। ଏଥିପାଇଁ ପ୍ରକ୍ରିୟା ଚାଲିଥିବା ଜଣାପଡିଛି।

ବାଲିଯାତ୍ରା ବୁଲିବାକୁ ସମସ୍ତଙ୍କର ଇଚ୍ଛାଥାଏ। ବିଶେଷକରି ପରିବାର ସହ ବାଲିଯାତ୍ରା ବୁଲିବା ଓ ବିଭିନ୍ନ ସାମଗ୍ରୀ କିଣାକିଣି କରିବା ପାଇଁ ଲୋକେ

**କାର୍ପେଟରେ ଆଚ୍ଛାଦିତ ହେବ ପୂରାପଡ଼ିଆ**

ମାସ ମାସ ଧରି ଅପେକ୍ଷା କରିଥାନ୍ତି। ହେଲେ ଲୋକେ ବାଲିଯାତ୍ରା ପଡ଼ିଆରେ ପହଞ୍ଚିବାବେଳକୁ ଭିଡ଼ ଓ ଧୂଳି ଅଧା ଖୁସି ଛଡ଼େଇ ନିଏ। ବିଶେଷକରି ଧୂଳିରେ ଛୋଟପିଲା ଓ ବୟସ୍କ ଲୋକଙ୍କୁ ଧରି ବାଲିଯାତ୍ରା ବୁଲିବା ବହୁ ପରିବାର ପାଇଁ ସମ୍ଭବ ହୋଇ ନ ଥାଏ। ପ୍ରତିବର୍ଷ ଲୋକେ ସମ୍ମୁଖୀନ ହେଉଥିବା ଧୂଳି ସମସ୍ୟାର ସମାଧାନ ପାଇଁ ଚଳିତବର୍ଷ କଟକ ମହାନଗର ନିଗମ (ସିଏମ୍‌ସି) ନୂଆ ଯୋଜନା କରିଥିବା କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି। ତାଙ୍କ କହିବାନୁସାରେ, ବାଲିଯାତ୍ରା ତଳପଡିଆ ନଦୀଶଯ୍ୟା ହୋଇଥିବାରୁ ସନ୍ଧ୍ୟା ସମୟରେ ଏଠାରେ ପ୍ରବଳ ଧୂଳି ଉଡେ। ଦୁଇବେଳା ପାଣି ସିଞ୍ଚନ ସତ୍ତ୍ୱେ ପ୍ରବଳ ଲୋକଙ୍କ ସମାଗମ ଭିତରେ ଧୂଳିକୁ ରୋକିବା ସମ୍ଭବ ହୁଏନି। ହେଲେ ଏଥର ପାଖାପାଖି ୩୦ ଏକରରୁ ଅଧିକ ପରିବ୍ୟାପ୍ତ ଏହି ପୂରା ପଡିଆକୁ ମୋଟା କାର୍ପେଟ୍‌ରେ ଆଚ୍ଛାଦିତ କରାଯିବ। ଏଥିପାଇଁ ୮ ଲକ୍ଷ ଟଙ୍କା ବ୍ୟୟ କରାଯିବାକୁ ପ୍ରାଥମିକ ଭାବେ ଆକଳନ କରାଯାଇଛି। ଏଥିପାଇଁ ବଡ଼ ବଡ଼ ସଭାସମିତିର ଟେଣ୍ଟ କାମ କରୁଥିବା ଡେକୋରେଟରଙ୍କ ସହ ଆଲୋଚନା କରିଛି ମହାନଗର ନିଗମ। କେତେକ ଡେକୋରେଟର ସିଏମ୍‌ସିକୁ ବିଛାଯିବାକୁ ଥିବା କାର୍ପେଟ୍‌ର ସାମ୍ପୁଲ ଏବଂ ଆନୁମାନିକ ଖର୍ଚ୍ଚର ବଜେଟ ଦେବେ ବୋଲି ଜଣାପଡିଛି।

ସହରର ଏକ ବହୁ ପୁରୁଣା ଟେଣ୍ଟ ହାଉସର ମାଲିକ କହିଛନ୍ତି, ପୂରା ବାଲିଯାତ୍ରା ପଡ଼ିଆକୁ କାର୍ପେଟ ବିଛାଇବା ସମ୍ଭବ। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସଭା ସମେତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏଭଳି ବ୍ୟବସ୍ଥା କରାଯାଇସାରିଛି। ଅନେକ ସମୟରେ ଦେଖାଯାଏ ବାଲିଯାତ୍ରା ଆରମ୍ଭର ପ୍ରଥମ ଦିନ ବହୁ କମ୍ପାନୀ ଏବଂ ଦୋକାନ ବଜାର ସେମାନଙ୍କ ଷ୍ଟଲ ନିର୍ମାଣ କାମ ସାରି ନ ଥାନ୍ତି। କାର୍ପେଟ ବିଛାଯିବା ପୂର୍ବରୁ ଷ୍ଟଲ ନିର୍ମାଣ ସରିବା ଦରକାର। ସେହିପରି ଏହା ପରେ ମଧ ପଡିଆ ମଧକୁ ଗାଡିମୋଟର ଯାଆସ ଉପରେ ଅଙ୍କୁଶ ଲଗାଯିବା ଆବଶ୍ୟକ। ନଚେତ୍ କାର୍ପେଟ ସବୁ ନଷ୍ଟ ହୋଇଯିବ ଓ ଭିଡ଼ ଭିତରେ ମରାମତି ସମ୍ଭବ ହେବନି। ଫଳରେ ବାଲିଯାତ୍ରା ପଡ଼ିବାରେ ପୂର୍ବଭଳି ଧୂଳି ଉଡ଼ିବ। ତେଣୁ ଏହି ସବୁ ବିଷୟକୁ ନଜର ଦେଇ କାର୍ପେଟ ବିଛାଗଲେ ବାଲିଯାତ୍ରା ବୁଲିବାକୁ ଲୋକଙ୍କ ଆଗ୍ରହ ଆହୁରି ବଢିବ ବୋଲି କହିଛନ୍ତି ବାଲିଯାତ୍ରା ବ୍ୟବସାୟୀ ସଂଘ ସମ୍ପାଦକ ପିନୁ ମହାନ୍ତି।ଏ ସଂକ୍ରାନ୍ତରେ ତହସିଲଦାର, ବାଲିଯାତ୍ରା ବ୍ୟବସାୟୀ ସଂଘ ଏବଂ ସେସୁ ସହ ଆଲୋଚନା କରି ସେମାନଙ୍କୁ ବାଲିଯାତ୍ରା ଆରମ୍ଭର ପ୍ରଥମ ଦିନରୁ ହିଁ ସବୁ କାମ ସାରିବାକୁ କୁହାଯିବ ବୋଲି କମିଶନର ନାୟକ କହିଛନ୍ତି।



କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନରେ ଆସି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିବା ନାଗପୁର ସନ୍ଦିପନୀ ସ୍କୁଲର ଛାତ୍ରୀମାନେ।

# ମୋତିଆବିନ୍ଦୁ ରୋଗୀଙ୍କ ପାଇଁ ଖୁସି ଆଣିଦେବ ଫାକୋ



କଟକ ଅଫିସ,୧।୧୧

ରାଜ୍ୟରେ ପ୍ରଥମଥର ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜରେ ଅନୁଷ୍ଠିତ ହୋଇଯାଇଛି ମୋତିଆବିନ୍ଦୁର ଅତ୍ୟାଧୁନିକ ଚିକିତ୍ସା ସମ୍ପର୍କିତ ଫାକୋ ଟ୍ରେନିଂ କର୍ମଶାଳା। ଗୁରୁବାର ଶେଷ ହୋଇଥିବା ଏହି ତିନିଦିନିଆ କର୍ମଶାଳାରେ ରାଜ୍ୟର ତିନୋଟି ସରକାରୀ ମେଡିକାଲ କଲେଜରୁ ୧୦୦ରୁ ଊର୍ଦ୍ଧ୍ୱ ଚକ୍ଷୁ ବିଶେଷଜ୍ଞ ଓ ପିଜି ଡାକ୍ତରୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲକ୍ଷ୍ନୌର ଫାକୋ ପ୍ରଶିକ୍ଷକ ଅଜୟ ତିୱାରୀ ପ୍ରଶିକ୍ଷଣ ଦେଇଥିଲେ। ଏସ୍‌ସିବି ମେଡ଼ିକାଲ କଲେଜ ଚକ୍ଷୁ ବିଭାଗ ମୁଖ୍ୟ ପ୍ରଫେସର ଡା. ପି.କେ. ନନ୍ଦ ଏବଂ ଆସୋସିଏଟ୍ ପ୍ରଫେସର ଡା. ଶୁଭବ୍ରତା ପରିଡା ଏହି କର୍ମଶାଳାର ଆୟୋଜନ କରିଥିବାବେଳେ ଡା. ଅନୀତା ମିଶ୍ର ପରିଚାଳନା କରିଥିଲେ। ଏହି ଫାକୋ ମଲସିଫିକେଶନ ସର୍ଜରି ଦ୍ୱାରା ମୋତିଆବିନ୍ଦୁ ରୋଗୀ ଖୁବ୍ ଶୀଘ୍ର ଆରୋଗ୍ୟଲାଭ କରିଥାନ୍ତି। ଏବେ ରାଜ୍ୟର ସରକାରୀ ମେଡିକାଲ କଲେଜ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ଏହି ଅତ୍ୟାଧୁନିକ ଫାକୋ ମେଶିନ ଉପଲବ୍ଧ ଅଛି। ଏହି କର୍ମଶାଳା ଦ୍ୱାରା ରାଜ୍ୟର ମୋତିଆବିନ୍ଦୁ ରୋଗୀ ଉପକୃତ ହେବେ ଏବଂ ଭବିଷ୍ୟତରେ ଏହିଭଳି କର୍ମଶାଳା ଅଧିକ ସଂଖ୍ୟାରେ ଆୟୋଜନ କରାଯିବ ବୋଲି ଡା. ପରିଡା ସୂଚନା ଦେଇଛନ୍ତି।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଚୌଦ୍ୱାର,୧।୧୧(ଡି.ଏନ.ଏ.)

ବିରୂପା ନଦୀ ଉପର ରେଳ ଧାରଣାରୁ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହକୁ ଗୁରୁବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ସେ ହେଲେ ବାଣୀପଦା ପଞ୍ଚାୟତ ଚାଙ୍ଗୁଡ଼ିଆ ଗ୍ରାମର ଉଲ୍ଲାସ ବର୍ଦ୍ଧନ(୨୩)। ଯୁବକଙ୍କ ଗଣ୍ଡିରୁ ମୁଣ୍ଡଟି ସମ୍ପୂର୍ଣ୍ଣ ଅଲଗା ହୋଇ ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିଲେ ମଧ ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ନ୍ୟାୟ ପାଇଁ ଡିସିପିଙ୍କ ଦ୍ୱାରସ୍ଥ ହେଲେ ମହିଳା

କଟକ ଅଫିସ,୧।୧୧

ଯୌତୁକ ନିର୍ଯାତନାର ଶିକାର ହୋଇ ବାପଘର କଟକ ଅନ୍ଦରପୁରରେ ରହୁଥିବା ଶ୍ୱେତା ଦାସ ଗୁରୁବାର କଟକ ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୦୫ ଫେବୃୟାରୀ ୬ରେ ଶ୍ୱେତାଙ୍କର ଜଗତସିଂହପୁର ଜିଲା ବାଲିକୁଦା ଥାନା ଅର୍ନ୍ତଗତ ବାଲିସାହି ଗ୍ରାମର ପ୍ରଶାନ୍ତ କୁମାର ଦାଶଙ୍କ ସହ ବିବାହ ହୋଇଥିଲା। ବିବାହର ବର୍ଷକ ପରେ ତାଙ୍କ ଉପରେ ସ୍ୱାମୀ ଓ ଶାଶୁଘର ଲୋକେ ଯୌତୁକ ଦାବି କରି ନିର୍ଯାତନା ଆରମ୍ଭ କରିଥିଲେ। ଗତ ସେପ୍ଟେମ୍ବର ୩୦ରେ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ୱାମୀ ଏବଂ ଶାଶୁଘର ଲୋକଙ୍କ ନିର୍ଯାତନା ଅସହ୍ୟ ହେବା ପରେ ଅକ୍ଟୋବର ୧୧ ଏନେଇ କଟକ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୯୯/୧୮ ରୁଜୁ କରି ଚୁପ୍ ବସିଥିବା ଶ୍ୱେତା ଅଭିଯୋଗ ଆଣିବା ସହ ନ୍ୟାୟ ପ୍ରଦାନ କରିବାକୁ ସେ ଡିସିପିଙ୍କୁ ନିବେଦନ କରିଛନ୍ତି।

## ସଡ଼କ ସୁରକ୍ଷା ବିଜ୍ଞାପନକୁ ନେଇ ବିବାଦ

**କଟକ ଅଫିସ, ୧।୧୧:** କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ସଡକ ସୁରକ୍ଷା ଉପରେ ପ୍ରସାରିତ ବିଜ୍ଞାପନକୁ ନେଇ ବିବାଦ ଉପୁଜିଛି। ଏହି ବିଜ୍ଞାପନରେ ଅଭିନେତା ଅକ୍ଷୟ କୁମାର ଟ୍ରାଫିକ୍ ପୋଲିସ ଭାବେ ଅଭିନୟ କରିଛନ୍ତି। ମାତ୍ର ବିଜ୍ଞାପନଗୁଡିକ ଅତ୍ୟନ୍ତ ଆପତ୍ତିଜନକ ଓ ନାଗରିକଙ୍କ ପ୍ରତି ଅପମାନ ବୋଲି ସାମାଜିକ କର୍ମୀ ଅଖଣ୍ଡ ଅଭିଯୋଗ କରିଛନ୍ତି। ଟ୍ରାଫିକ୍ ଭଙ୍ଗ କରୁଥିବା ଗାଡି ଡ୍ରାଇଭରଙ୍କୁ ଟ୍ରାଫିକ୍ ପୋଲିସ ଜଣକ ଅଭଦ୍ରାମି ବ୍ୟବହାର କରିବା ସହିତ 'ରାସ୍ତା ତୁମ ବାପାର ନୁହେଁ' ବୋଲି କହୁଥିବା ଦେଖିବାକୁ ମିଳୁଛି। ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଅନେକ ବିଜ୍ଞାପନ ତା'ର ୱେବ୍‌ସାଇଟ୍, ବିଭିନ୍ନ ଟିଭି ଚ୍ୟାନେଲ୍ ଓ ସୋସିଆଲ୍ ମିଡିଆରେ ପ୍ରସାରିତ ହେଉଛି।ଏ ସଂକ୍ରାନ୍ତରେ ଅଖଣ୍ଡ ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିବା ସହିତ ଏହି ବିଜ୍ଞାପନକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ଟ୍ରାଫିକ୍ ଭଙ୍ଗକାରୀଙ୍କଠାରୁ ଜରିମାନା ଆଦାୟ କରିବା ନିହାତି ଦରକାର। କିନ୍ତୁ

- ଆପତ୍ତିଜନକ ମନ୍ତବ୍ୟକୁ ନେଇ ବିରୋଧ
- ସଡକ ପରିବହନ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ

କୌଣସି ପରିସ୍ଥିତିରେ ସେମାନଙ୍କୁ ଗାଳି କରିବା ପୋଲିସର ଅଧିକାର ନାହିଁ। ଏହା ଆଇନ ବିରୁଦ୍ଧ। କିନ୍ତୁ ଏସବୁ ବିଜ୍ଞାପନରେ ସବୁ ସୀମା ଟପିଯାଇଛି। ଏକ ବିଜ୍ଞାପନରେ ଟ୍ରାଫିକ ପୋଲିସ ଭୂମିକାରେ ଥିବା ଅକ୍ଷୟ କୁମାର ଗାଡି ଚାଳକଙ୍କ ବାପାଙ୍କୁ ଆକ୍ଷେପ କରୁଥିବାବେଳେ ଅନ୍ୟ ବିଜ୍ଞାପନରେ ଜଣେ ବ୍ୟକ୍ତିଙ୍କୁ ପୋଲିସ କର୍ମଚାରୀ ବାଲ୍ ଗଙ୍ଗାଧର ତିଲକଙ୍କ ପୁଅ ବୋଲି କହି ତାଚ୍ଛଲ୍ୟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜ୍ଞାପନର ଅନ୍ୟ ଏକ ଅଂଶରେ ଜଣେ ଯୁବକଙ୍କ ମୁହଁ ହାସ୍ୟ କଳାକାର ମେହମୁଦଙ୍କ ଭଳି ଦେଖାଯାଉଥିବା ବର୍ଣ୍ଣନା କରି ମେହମୁଦ୍ ତୁମ ବାପା କି ନାହିଁ ବୋଲି ପଚରାଯାଉଛି। ପ୍ରତ୍ୟେକ ନାଗରିକଙ୍କ ଆତ୍ମସମ୍ମାନ ଓ ମାନବିକ ଅଧିକାର ରହିଛି। କିନ୍ତୁ ଏଭଳି ବିଜ୍ଞାପନ ଏହାକୁ ସମ୍ମାନ ଦେଉନାହିଁ। ପୁନଶ୍ଚ ଏଭଳି ବିଜ୍ଞାପନ ମାଧ୍ୟମରେ ଲୋକମାନଙ୍କୁ ଗାଳିଦେବା ପାଇଁ ପୋଲିସକୁ ପ୍ରୋତ୍ସାହିତ କରୁଛି ବୋଲି ଅଖଣ୍ଡ ଅଭିଯୋଗ କରିଛନ୍ତି।

## କଟକ ନାଗରିକ କମିଟିର ଶାନ୍ତି ଶୋଭାଯାତ୍ରା

**କଟକ ଅଫିସ, ୧।୧୧:** ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ଆହ୍ୱାନକ୍ରମେ ଆଇନଜୀବୀମାନେ ଦୀର୍ଘଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଫଳରେ ଉଚ୍ଚ ନ୍ୟାୟାଳୟ ଓ ବିଭିନ୍ନ ନିମ୍ନ ଅଦାଲତରେ ବିଚାର ପ୍ରକ୍ରିୟା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ମାମଲାରେ ଛନ୍ଦି ହୋଇପଡ଼ିଥିବା ବହୁ ନିରୀହ ବ୍ୟକ୍ତି ଯଥା ସମୟରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ବିବାଦର ସମାଧାନ ସହିତ ଆଇନଜୀବୀମାନଙ୍କୁ ଆନ୍ଦୋଳନରୁ ଓହରିଯିବା ପାଇଁ କଟକ ନାଗରିକ କମିଟି ନିବେଦନ କରିଛି। କମିଟି ପକ୍ଷରୁ ଗୁରୁବାର ଅପରାହ୍ନରେ ଗୌରୀଶଙ୍କର ପାର୍କରୁ ଚାନ୍ଦିନୀଚୌକ ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ଶିକ୍ଷାବିତ ପ୍ରଫେସର କମିରୁଦ୍ଦିନ ଖାଁ, ଖବରଦାତା ସତ୍ୟ ରାୟ, ଡା. ରବିରଞ୍ଜନ ସାହୁ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କଟକ ସୁରକ୍ଷା କମିଟି ଅଧ୍ୟକ୍ଷ ସରୋଜ ସିଂ, ବିଜୟ ପଡିଆରୀ ପ୍ରମୁଖ ସାମିଲ ଥିଲେ।

**କାଳୀପୂଜା, ଭସାଣି ଉତ୍ସବ ପାଇଁ ପ୍ରଶାସନିକ ପ୍ରସ୍ତୁତି**

# ୬ରେ ପୂଜା, ୧୦ରେ ଭସାଣି

କଟକ ଅଫିସ, ୧।୧୧

ଆସନ୍ତା ୬ ତାରିଖଠାରୁ କାଳୀପୂଜା ଆରମ୍ଭ ହେବାକୁ ଥିବାବେଳେ ୧୦ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ସହରରେ ୭୨ଟି କାଳୀ ମେଢ ଶୋଭାପାଇବ ବୋଲି ଜଣାପଡିଛି। ସହରରେ କାଳୀପୂଜା ଓ ଭସାଣି ଉତ୍ସବକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧକ୍ଷତା କରିଥିଲେ। ଆସନ୍ତା ୫ ତାରିଖ ସୁଦ୍ଧା ସିଏମ୍‌ସି ପକ୍ଷରୁ ସହରର ସମସ୍ତ ଖାଲଖମା ମରାମତି କରାଯିବା ଓ ଦଶହରା ସମୟରେ ଯେଉଁ ସବୁ ରାସ୍ତା

**ସହରରେ ୭୨ ମେଢ଼**

ମରାମତି ହୋଇପାରିନାହିଁ, ସେ ସମସ୍ତ ରାସ୍ତା ଆସନ୍ତା ୮ ତାରିଖ ସୁଦ୍ଧା ମରାମତି କରାଯାଇ ଗମନାଗମନ ଉପଯୋଗୀ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ପାଇପ୍ ମାଧମରେ ଯେପରି ଅଶୁଦ୍ଧ ପାଣି ପ୍ରବେଶ ନ କରେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କହିଲେ, ସିଏମ୍‌ସି ପକ୍ଷରୁ ସହରରେ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦିଆଯିବା ସହ ଯେଉଁଠାରେ ଆଲୋକ ନାହିଁ ସେଠାରେ ଆଲୋକ ବ୍ୟବସ୍ଥା କରିବା, ଗଳି କନ୍ଦି ରାସ୍ତା ମରାମତି କରିବା ଦିଗରେ ଯତ୍ନବାନ ହେବା ଉଚିତ। ରାଜ୍ୟ ସଭା ଏମ୍‌ପି ଅନୁଭବ ମହାନ୍ତି ଯୋଗଦେଇ ବାଲିଯାତ୍ରା ପରେ ଜିଲାପାଳଙ୍କ ନେତୃତ୍ୱରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଏକ ସମୀକ୍ଷା ବୈଠକ କରିବାକୁ କହିଥିଲେ। ଏହି ବୈଠକରେ ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ କୁମାର ବାରିକ, ସିଏମସି ଅତିରିକ୍ତ କମିଶନର ରମେଶ ଚନ୍ଦ୍ର ସାଏ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ହରିଶ ଚନ୍ଦ୍ର ନାୟକ, ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନଙ୍କ ସହିତ ପ୍ରଶାସନିକ ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

ଟାଙ୍ଗୀ(କଟକ)/ନିଆଳି, ୧।୧୧(ଡି.ଏନ୍.ଏ.):

ସରକାରୀ ସ୍ତରରେ ପିସି କାରବାର, ପ୍ରିୟାପ୍ରୀତି ତୋଷଣ, ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ବିରୋଧ କରି ଗୁରୁବାର ଭାଜପା ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ଟାଙ୍ଗୀ ବଜାର ପରିକ୍ରମା କରିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇଥିଲେ। ଭାଜପା ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଉପ ସଭାପତି ନୟନ କିଶୋର ମହାନ୍ତି ଯୋଗଦେଇ ବିନା ଲାଞ୍ଚରେ କୌଣସି କାର୍ଯ୍ୟ ନ ହେବା ବିଶେଷକରି ଗ୍ରାମସଭା, ପଲ୍ଲୀସଭା ଓ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରାଯାଇ ବିଧାୟକ ଓ ମନ୍ତ୍ରୀଙ୍କ ଚିଠାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ସେହିପରି ଜିଲା ସାଧାରଣ ସମ୍ପାଦକ ଅଶୋକ ଦାସ, ଅଜିତ ସୁବୁଦ୍ଧିରାୟ, କୁଳମଣି ସାମଲ, ପ୍ରଦୀପ ସାହା, ଚନ୍ଦ୍ରମଣି ପାଇଲ, ଅଲେଖ ମହାନ୍ତି, ସୁକାନ୍ତ କୁମାର ବିଶ୍ୱାଳ, ଚିନ୍ମୟ ଷଡ଼ଙ୍ଗୀ, ନାରିନେତ୍ରୀ ଗଙ୍ଗୋତ୍ରୀ ତିରିଆ ଓ ଅମିତା ସାହାଣୀ ପ୍ରମୁଖ ସରକାରଙ୍କ ଜନବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ୯ଦଫା ସମ୍ବଳିତ ଏକ ସ୍ମାରକପତ୍ର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଟାଙ୍ଗୀ ଥାନା ଅଧିକାରୀ ବିମଳ କୁମାର ବାରିକ ଓ ଏସ୍‌ଆଇ ନିରଞ୍ଜନ ସାହୁ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ।

ସେହିପରି ଗୁରୁବାର ପୂର୍ବାହ୍ନରେ ଭାଜପା ପକ୍ଷରୁ ନିଆଳି ବ୍ଲକ କାର୍ଯ୍ୟାଳୟ ଘେରାଉ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନିଆଳି ନୂଆଗାଁ କଲେଜ ଛକଠାରୁ ଭାଜପା ନେତା ଛବି ମଲ୍ଲିକ, ସୁଶାନ୍ତ ମଲ୍ଲିକ, ବେଣୁଧର ବେହେରାଙ୍କ ନେତୃତ୍ୱରେ ପ୍ରାୟ ୨୦୦୦ କର୍ମୀ ଶୋଭାଯାତ୍ରାରେ ନିଆଳି ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ନ୍ୟାୟବ୍ରତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରତିଭା ଶତପଥୀ, ବେଣୁଧର ବେହେରା, ପ୍ରତାପ ରାଉତରାୟ, ଜିଲା ଯୁବମୋର୍ଚ୍ଚା ସଭାପତି ଭକ୍ତବତ୍ସଳ ବସ୍ତିଆ, ତ୍ରିଲୋଚନ ବେହେରା, ସୁବାସ ପ୍ରଧାନ, ବ୍ରହ୍ମାନନ୍ଦ ମିଶ୍ର, ବିଜୟ ଖଟେଇ, ପ୍ରଦୀପ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହ କେନ୍ଦ୍ର ସରକାରଙ୍କର ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରାଯାଉନି ବୋଲି ଅଭିଯୋଗ କରିଥିଲେ। ଏଥିସହ ନିଆଳି ବ୍ଲକରେ ପିସି କାରବାର, ମୋ' କୁଡିଆ, ଇନ୍ଦିରାଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ନିର୍ମାଣରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ଦାବି କରିଥିଲେ। ଶେଷରେ ଭାଜପା ନେତାମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ସୟେଦ୍ ଆରିଫ୍ ହୁସେନ୍‌ଙ୍କୁ ପ୍ରଦାନ କରିଥିଲେ।

**ସାରସ୍ୱତ ସ୍ରଷ୍ଟା ଡ. ମାୟାଧର ମାନସିଂଙ୍କ ସ୍ମୃତିସନ୍ଧ୍ୟା**

# ବୀଣାପାଣି ସିଂ, ନୃସିଂହ ଷଡ଼ଙ୍ଗୀ ପାଇଲେ ମାନସିଂ ସମ୍ମାନ

କଟକ ଅଫିସ, ୧।୧୧

କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସ୍ରଷ୍ଟା ଡ. ମାୟାଧର ମାନସିଂଙ୍କ ସ୍ମୃତିସନ୍ଧ୍ୟା ଓ ମାନସିଂ ସମ୍ମାନ ପ୍ରଦାନ ସମାରୋହ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆୟକର ବିଭାଗର ଆୟୁକ୍ତ କବି ଶରତ କୁମାର ଦାଶ ଉଦ୍‌ଘାଟନ କରି କହିଥିଲେ ମାନସିଂ ଥିଲେ ଜଣେ ଜୀବନାଧର୍ମୀ ଓ ରୋମାଣ୍ଟିକ କବି। ତାଙ୍କ ରଚିତ 'ମହାନଦୀରେ ଜ୍ୟୋସ୍ନା ବିହାର' କବିତା ଏକ ଅନବଦ୍ୟ କୃତି। ତେଣୁ ତାଙ୍କ ସାହିତ୍ୟ କାଳଜୟୀ। ସଂସଦର ପ୍ରତିଷ୍ଠାତା ଓ ସଭାପତି ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ସହଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପ୍ରେମ ଓ ପ୍ରଣୟର କବି ମାନସିଂ ଓଡ଼ିଆ ସାହିତ୍ୟର ଜଣେ ଅସାଧାରଣ ପ୍ରତିଭା। ତାଙ୍କ ସୃଷ୍ଟି ପ୍ରତ୍ୟେକ ବର୍ଗର ପାଠକଙ୍କ ମନକୁ ଛୁଇଁ ପାରିଛି। ସେହିପରି ସମ୍ମାନିତ ଅତିଥି କବି ଓ ପ୍ରଶାସକ ଧନଞ୍ଜୟ ସ୍ୱାଇଁ କହିଲେ, କବି ମାନସିଂ ଓଡ଼ିଆ ସାହିତ୍ୟରେ ରୋମାଣ୍ଟିକ୍ ଧର୍ମୀ କବିତାର ଧାରା ସୃଷ୍ଟି କରିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟର ମନୋରମ ଚିତ୍ର ତାଙ୍କ ସୃଷ୍ଟିର ଛତ୍ରେ ଛତ୍ରେ ପ୍ରତିଫଳିତ। ମୁଖ୍ୟବକ୍ତା ବିଶିଷ୍ଟ କବି ଓ ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ କହିଲେ, କବି ମାନସିଂ ଥିଲେ ଓଡ଼ିଆ ସାହିତ୍ୟର ମୁକୁଟବିହୀନ ସମ୍ରାଟ। ତାଙ୍କ ଆତ୍ମଜୀବନୀ 'ଶିକ୍ଷାବିତ୍‌ର ଗାଥା' ସାରସ୍ୱତ ଜଗତର ଅମୂଲ୍ୟ ସମ୍ପଦ। ତାଙ୍କ କବିତାରେ ପ୍ରେମ ଓ ପ୍ରଣୟର ସ୍ୱର ସହିତ ସାମ୍ୟବାଦର ସ୍ୱର ପରିଲକ୍ଷିତ ହୁଏ। ଏହି ଅବସରରେ କବି, ପ୍ରାବନ୍ଧିକ ଓ ପ୍ରାଧ୍ୟାପିକା ଡ. ବୀଣାପାଣି ସିଂ ଏବଂ



କାର୍ଯ୍ୟକ୍ରମରେ ଡ. ବୀଣାପାଣି ସିଂ ଓ ଡ. ନୃସିଂହ ଷଡ଼ଙ୍ଗୀଙ୍କୁ ମାନସିଂ ସମ୍ମାନ ପ୍ରଦାନ କରାଯାଉଛି।

କବି ଓ ସାହିତ୍ୟ ସମାଲୋଚକ ପ୍ରାଧ୍ୟାପକ ଡ. ନୃସିଂହ ଷଡଙ୍ଗୀଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ମାନସିଂ ସମ୍ମାନ ପ୍ରଦାନ କରାଯାଇଛି। ସମ୍ପାଦକ ପ୍ରଫେସର ଡ. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଅତିଥି ପରିଚୟ ପ୍ରଦାନ ଏବଂ ଡ. ଭାଗବତ ଶୁକ୍ଳ ଓ ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ। ଏହି ଉତ୍ସବରେ ଡ. ପ୍ରତାପ କିଶୋର ମହାନ୍ତି, ମହେଶ୍ୱର ମହାନ୍ତି, ବୀରକିଶୋର ସିଂ, ଚୌଧୁରୀ ସତ୍ୟ ଦାସ, ଇଂ. ସୁଶାନ୍ତ ସେଠୀ ପ୍ରମୁଖ ମାନସିଂଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କିଶୋର ବେଉରା, ଅଧାପକ ନିର୍ମଳ ଚନ୍ଦ୍ର ପତି, ବିଜୟଲକ୍ଷ୍ମୀ ନାୟକ, ବନଶ୍ରୀ ମହାପାତ୍ର, ବିଭୁ ପ୍ରସାଦ ରାଉତ, ମାନସ ସାହୁ, ଚିତ୍ତରଞ୍ଜନ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଡା. ନୀରଦ କୁମାର ଗଚ୍ଛାୟତ ଧନ୍ୟବାଦ ଦେଇଥିଲେ।



ଯେ କୌଣସି ବ୍ୟକ୍ତି ବା ଜାତି ଅନ୍ୟକୁ ଘୃଣାକରି ତିଷ୍ଠି ରହି ନ ପାରେ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ନୂପୁର ଉତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା ଅଫିସ,୧।୧୧: ଖୋର୍ଦ୍ଧା ସହରର ପଲଟନ ପଡିଆରେ ଚାଲିଥିବା ୪୫ତମ ନୂପୁର ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଇଗଲ କ୍ଲବ ପକ୍ଷରୁ ଅନୁଷ୍ଠିତ ଉତ୍ସବର ଶେଷ ସନ୍ଧ୍ୟାରେ ବଲିଉଡ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଫଳରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ତାରିଣୀ ଛକଠାରେ ପୋଲିସ ରାସ୍ତା ଅବରୋଧ କରିଥିଲା। ସେହିପରି ଶ୍ରୀରାମନଗରକୁ ପଡିଥିବା ରାସ୍ତା ବନ୍ଦ କରାଯାଇଥିଲା। ଫଳରେ ୧୦୮ ଆମ୍ବୁଲାନ୍ସ, ସ୍ଥାନୀୟ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ, ଖୋର୍ଦ୍ଧାର ପୂର୍ବତନ ନଗରପାଳ ସଞ୍ଜୁକ୍ତା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

### କ୍ଲବ ଘରେ ବିତୁଛି ବୀରବରଙ୍କ ପରିବାର ଜୀବନ

ବୋଲଗଡ଼,୧।୧୧(ଡି.ଏନ.ଏ.): ବୋଲଗଡ଼ ବ୍ଲକ୍ ବାଙ୍କୋଇଦେଶ ପଞ୍ଚାୟତସ୍ଥ ମାଳିସାହିର ବୀରବର ମହାପାତ୍ର(୪୦)ଙ୍କ ପରିବାର ଏବେ କ୍ଲବ୍ ଘରେ ଦିନ ବିତାଉଛନ୍ତି। ତାଙ୍କର ମାଟିକାନ୍ଥର ପୈତୃକ ଘରଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଯୋଗୁ କ୍ଲବ୍‌ରେ ଆଶ୍ରୟ ନେଇଛନ୍ତି। ପୈତୃକ ଭିଟାମାଟିରେ ଥିବା ଘରଟି ଭଗ୍ନ ଅବସ୍ଥାରେ ଥିବାରୁ ବିପଦର ଆଶଙ୍କା ଦେଖାଦେଇଛି। ତେଣୁ ମାଆ ରମାମଣୀ (୬୨)ଙ୍କ ସମେତ ପତ୍ନୀ ଏବଂ ୨ପୁଅଙ୍କୁ ନେଇ ସାହି ମୁଣ୍ଡରେ ଥିବା ଏକ କ୍ଲବ୍ ଘରେ ରହୁଛନ୍ତି ବୀରବର। ଯଥେଷ୍ଟ ରୋଜଗାର ନ ଥିବାରୁ ସେ ଘରଟିକୁ ପୁନଃ ମରାମତି କରିପାରୁନାହାନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କ ପରିବାରକୁ ହିତାଧିକାରୀ ଭାବେ ସାମିଲ କରିବା ପାଇଁ ବୀରବର ବ୍ଲକ୍ କାର୍ଯ୍ୟାଳୟରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା କହିଛନ୍ତି ଯେ, ବୀରବର ମହାପାତ୍ରଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ଅନ୍ତର୍ଭୁକ୍ତ ହିତାଧିକାରୀ ଭାବେ ସାମିଲ କରାଯିବାକୁ ପ୍ରଚେଷ୍ଟା କରାଯିବ ।

### କୃଷ୍ଣପ୍ରସାଦରେ ନିଯୁକ୍ତି ଭିତ୍ତିକ ତାଲିମ କର୍ମଶାଳା

କୃଷ୍ଣପ୍ରସାଦ,୧।୧୧(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଗ୍ରାମାଞ୍ଚଳର ଯୁବତୀଯୁବକମାନଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦ୍ୱାରା ଅଧିକ ରୋଜଗାରକ୍ଷମ କରିବା ପାଇଁ ଦୀନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ଓ ଓଡିଶା ଜିବୀକା ମିଶନ ପକ୍ଷରୁ ନିଯୁକ୍ତି ଭିତ୍ତିକ ତାଲିମ କର୍ମଶାଳା ଚିଲିକା ନୂଆପଡା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ କୃଷ୍ଣପ୍ରସାଦ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ଦ୍ଦେଶକ(ଓରମାସ)ପ୍ରଶାନ୍ତ କୁମାର ଦାସ,ଜିଲା ସଂଯୋଜକ ବିକାଶ ରଞ୍ଜନ ରାଉତ,ବ୍ଲକ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀ,ଏସଡିସି ଶିବ ନାରାୟଣ ଭୋଇ,ବିଏଲସି ସବିତା ତରେଇ ପ୍ରମୁଖ ଯୋଗଦେଇ ନିଯୁକ୍ତି ଭିତ୍ତିକ ତାଲିମ ପରାମର୍ଶ ସମ୍ପର୍କରେ ଅବଗତ କରାଇଥିଲେ।

### ଫଟୋ ସାମ୍ବାଦିକଙ୍କ ହତ୍ୟାକୁ ନିନ୍ଦା

ଟାଙ୍ଗୀ(ଖୋର୍ଦ୍ଧା),୧।୧୧(ଡି.ଏନ.ଏ.): ଛତିଶଗଡ଼ର ଦାନ୍ତେୱାଡାରେ ମାଓବାଦୀମାନେ ଫଟୋ ସାମ୍ବାଦିକ ଅଚ୍ୟୁତାନନ୍ଦ ସାହୁଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ଘଟଣାକୁ ଗଣମାଧ୍ୟମ ନିନ୍ଦା କରିଛି। ଉତ୍କଳ ସାମ୍ବାଦିକ ସଂଘର ଟାଙ୍ଗୀ ଶାଖା ତରଫରୁ ଉକ୍ତ ଘଟଣାକୁ ଗଭୀର ନିନ୍ଦା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛି। ଏହି ଅବସରରେ ଆୟୋଜିତ ସଭାରେ ସଭାପତି ନିରଞ୍ଜନ ଦାସ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ରଘୁନାଥ ସାହୁ, ହରିହର ରଣା, ମାନସ ପଟ୍ଟନାୟକ, ହିମାଂଶୁ ଚମ୍ପତିରାୟ, ସନ୍ତୋଷ ଚୌଧୁରୀ, ମାନସ ବଳିୟାରସିଂହ ଓ ଯୋଗୀରାମ ପ୍ରମୁଖ ଉପସ୍ଥିତ ଥିଲେ।

### ବାଘେଟା ବିଲେଇ ଉଦ୍ଧାର

ଖୋର୍ଦ୍ଧା ଅଫିସ,୧।୧୧: ଚିଲିକାରୁ ଗୁରୁବାର ସୋରଣ ମତ୍ସ୍ୟଜୀବୀମାନେ ମାଛ ଧରୁଥିବାବେଳେ ଏକ ବାଘେଟା ବିଲେଇ ଜାଲରେ ପଡିଥିଲା। ଏହି ବାଘେଟା ବିଲେଇକୁ ଉଦ୍ଧାର କରି ସୋରଣ ବନ୍ୟପ୍ରାଣୀ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଖାଦ୍ୟ ଅନ୍ୱେଷଣରେ ଆସି ବିଲେଇଟି ଚିଲିକା ପାଣିରୁ ବାହାରି ପାରି ନଥିବା ଜଣାପଡିଛି।

# ଡମ୍ପିଂୟାର୍ଡ ନାହିଁ, ବର୍ଜ୍ୟବସ୍ତୁ ସ୍ଥାନାନ୍ତରର ଚିନ୍ତା

ଖୋର୍ଦ୍ଧା ଅଫିସ,୧।୧୧:

ଖୋର୍ଦ୍ଧା ସହର ପାଇଁ ବୋଝ ହେଲାଣି ଅଳିଆ ଆବର୍ଜନା । ଡମ୍ପିୟାର୍ଡ ନ ଥିବାରୁ ଅଳିଆ ଆବର୍ଜନା କେଉଁଠି ପଡିବ, କି ପ୍ରକାର ଏହାର ବିନିଯୋଗ କରାଯିବ ସେ ନେଇ କିଛି ଉପଯୁକ୍ତ ବ୍ୟବସ୍ଥା ନାହିଁ। ଏହାକୁ ନେଇ ପ୍ରଶାସନର ଚିନ୍ତା ବଢିଛି। ଆବର୍ଜନା ପଡିବା ପାଇଁ ସ୍ଥାନ ନ ଥିବାରୁ ରାସ୍ତାଘାଟ ତଥା ସହର ମଧରେ ଥିବା ଖାଲି ସ୍ଥାନରେ ଏହାକୁ ରଖାଯାଉଛି। ଖୋର୍ଦ୍ଧା ସହରର ଲୋକସଂଖ୍ୟା ୫୦ ହଜାରରୁ ଊର୍ଦ୍ଧ୍ୱ ଟପିଲାଣି। ଜିଲା ସଦର ମହକୁମା, ବରୁଣେଇ ପରି ପର୍ଯ୍ୟଟନସ୍ଥଳୀ ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଯୋଗୁ ଲୋକଙ୍କ ଗହଳି ଲାଗି ରହୁଛି । ଏଭଳିସ୍ଥଳେ ସହରର ଗଳି, କନ୍ଦିରେ ଅଳିଆ ଜମି ରହିବା କାରଣରୁ ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ।



ନିଆଁ ଲଗାଯାଇଥିବା ବର୍ଜ୍ୟବସ୍ତୁ।

**ଆବର୍ଜନା ପୋଡୁଛନ୍ତି ସଫେଇ କର୍ମଚାରୀ**

ଖୋର୍ଦ୍ଧା ସହରର ବିଭିନ୍ନ ୱାର୍ଡରେ ସଫେଇ କର୍ମଚାରୀମାନେ ସଫେଇ କାର୍ଯ୍ୟ କରି ସାରିବା ପରେ ଅଳିଆ ଆବର୍ଜନାକୁ ଜମା କରି ପୋଡି ଦେଉଛନ୍ତି। ଆଉ ଅଳିଆ ଆବର୍ଜନା ମ୍ୟୁନିସିପାଲିଟି ଟ୍ରାକ୍ଟରରେ ଅସ୍ଥାୟୀ ଡମ୍ପିୟାର୍ଡକୁ ଯାଉ ନାହିଁ । ପ୍ରତିବାଦ କଲେ ସୁଫଳ ମିଳୁନି । ବରଂ ପୋଡିବାର ସ୍ଥାନ ବଦଳି ଯାଉଛି। ଅନ୍ୟପକ୍ଷେ ସଫେଇ କର୍ମଚାରୀ ଡ୍ରେସ ଉପରେ ଆସୁ ନାହାନ୍ତି । ମାସର ବିଭିନ୍ନ ଦିବସରେ ଭିନ୍ନ ଭିନ୍ନ ସଫେଇ କର୍ମଚାରୀ ଆସୁଛନ୍ତି ।

**ଦୁର୍ଗନ୍ଧରେ ଫାଟି ପଡୁଛି ପରିବେଶ**

ଖୋର୍ଦ୍ଧା ବାଜପୁର ରାସ୍ତାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ ଅଞ୍ଚଳ ମ୍ୟୁନିସିପାଲିଟିର ଅସ୍ଥାୟୀ ଡମ୍ପିୟାର୍ଡ ପାଲଟିଛି। ଏଠାରେ ଆବର୍ଜନା ଜମା ହୋଇ ରହିବାରୁ ସବୁବେଳେ ଦୁର୍ଗନ୍ଧ ହେଉଛି। ଅପରପକ୍ଷେ ଏହି ଅଳିଆ ଆବର୍ଜନାକୁ ନିଆଁ ଲଗାଇ ପୋଡିବା ଦ୍ୱାରା ସମ୍ପୃକ୍ତ ଅଞ୍ଚଳ ଦୁର୍ଗନ୍ଧ ହେବା ସହ ଧୂଆଁମୟ ହୋଇ ଘଣ୍ଟା ଘଣ୍ଟା ଧରି ରହୁଛି। ବାଜପୁର ଓ ଆଖପାଖ ଅଞ୍ଚଳର ଲୋକଙ୍କ ପ୍ରତିବାଦ ସତ୍ତ୍ୱେ ମ୍ୟୁନିସିପାଲିଟି ପକ୍ଷରୁ ଏଠାରେ ଅଳିଆ ଆବର୍ଜନା ପଡୁଛି।

**ପୋଖରୀ ପାଣି ପ୍ରଦୂଷିତ**

ଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜାର ମିଳିତ ଭସାଣି ବୁଧବାର ଥିଲା। ଖଣି ପୋଖରୀରେ ୨୯ ଗଜଲକ୍ଷ୍ମୀଙ୍କ ମଣ୍ମୟ ମୂର୍ତ୍ତି ବିସର୍ଜନ ହୋଇଥିଲା। ପୂର୍ବରୁ ଦଶହରାରେ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ବିସର୍ଜନ ହୋଇଥିଲା। ଏହା ଦ୍ୱାରା ଖଣି ପୋଖରୀ ପାଣି ପ୍ରଦୂଷିତ ହୋଇ ରହିଛି। ଅସ୍ଥାୟୀ ପୋଖରୀ କରି ବିସର୍ଜନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିବାବେଳେ ଏହାକୁ ଖୋର୍ଦ୍ଧାରେ ଅଣଦେଖା କରାଯାଇଛି। ଅନ୍ୟପକ୍ଷେ ଏହି ପୋଖରୀରେ ନର୍ଦ୍ଦମା ଜଳ ଡ୍ରେନ ଯୋଗେ ପଡିବା ପାଇଁ ବ୍ୟବସ୍ଥା ରହିଛି। ବର୍ଷାଜଳରେ ପୋଖରୀ ପରିପୂର୍ଣ୍ଣ ହେଲେ ଏହାର ଜଳ ଶ୍ରୀରାମନଗର ଅଞ୍ଚଳ ଦେଇ ଶ୍ରୀରାମନଗରରୁ ଟିଏଲସି ଶ୍ମଶାନ ରାସ୍ତାରେ ପ୍ରବାହିତ ହେଉଛି ।

# ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଟାଙ୍ଗୀ(ଖୋର୍ଦ୍ଧା),୧।୧୧(ଡି.ଏନ.ଏ.)

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର କଇଥପଲ୍ଲୀ ଛକ ନିକଟରୁ ଗୁରୁବାର ଟାଙ୍ଗୀ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଏହା ସହ ସେଠାରୁ ଏକ ସ୍କୁଟି(ଓଡି୦୨ଏଟି-୦୫୮୫)ଜବତ କରିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ସ୍କୁଟିଟି ଜଗନ୍ନାଥ ସେନାପତିଙ୍କ ନାମରେ ରହିଛି। ପରକୀୟା ପ୍ରୀତିକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି । ପୋଲିସ ଜଣେ ମହିଳାଙ୍କ ସମେତ ଅନ୍ୟ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି। ତେବେ ଯୁବକଙ୍କୁ ଜଙ୍ଗଲରେ ହତ୍ୟା କରାଯାଇ ମୃତଦେହକୁ ରାସ୍ତାକଡ଼ରେ ଫୋପାଡି ଦିଆଯାଇଥିବା ଘଟଣାସ୍ଥଳର ପାରିପାର୍ଶ୍ୱିକ ଅବସ୍ଥାରୁ ସନ୍ଦେହ କରାଯାଉଛି। ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିଲେ ମଧ ପୋଲିସ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି।

# ହୋମଗାର୍ଡଙ୍କୁ ଗାଳିଗୁଲଜ, ୨ ଗିରଫ

ଖୋର୍ଦ୍ଧା ଅଫିସ,୧।୧୧:

ଟ୍ରାଫିକ ନିୟନ୍ତ୍ରଣରେ ମୁତୟନ ଥିବା ହୋମଗାର୍ଡଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ବାଣପୁର ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭାପୁର ନୂଆସାହିର ପପୁ ବେହେରା ଓ ସୁମନ୍ତ ମହାରଣା। ମିଳିଥିବା ସୂଚନା ଅନୁଯାୟୀ, ବାଣପୁର କଲେଜ ଛକ ନିକଟରେ ଦୁଇ ଜଣ ଯୁବକ ବାଇକରେ ଦ୍ରୁତ ଗତିରେ ଯାଉଥିଲେ। ସେଠାରେ ମୁତୟନ ହୋମଗାର୍ଡ ସେମାନଙ୍କୁ ଅଟକାଇଥିଲେ। ହେଲେ ଉକ୍ତ ଯୁବକ ଦ୍ୱୟ ଗାଳିଗୁଲଜ କରି ଦ୍ରୁତ ଗତିରେ ପଳାଇଥିଲେ। ହୋମଗାର୍ଡଙ୍କ ସୂଚନା ଆଧାରରେ ପୋଲିସ ପିସିଆର ଭ୍ୟାନରେ ସେମାନଙ୍କ ପିଛା କରି ଯୁବକ ଦ୍ୱୟଙ୍କୁ ବୁଧବାର ଗିରଫ କରିଥିଲା ।





ଛତିଶଗଡ଼ ଦାନ୍ତେୱାଡାରେ ମାଓବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କ ଉଦ୍ଦେଶ୍ୟରେ ଜଟଣୀ ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ବାହାରିଥିବା ମହମବତି ଶୋଭାଯାତ୍ରା ।

### ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଜଟଣୀ,୧।୧୧(ଡି.ଏନ୍.ଏ.):

ଛତିଶଗଡ଼ ଦାନ୍ତେୱାଡାରେ ମାଓବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ଦୂରଦର୍ଶନରେ କାର୍ଯ୍ୟରତ ଓଡ଼ିଆ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କୁ ଜଟଣୀ ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଆସୋସିଏଶନ୍‌ର ବହୁ ସଦସ୍ୟ ଏକ ମହମବତି ଶୋଭାଯାତ୍ରାରେ ଉତ୍ତରାୟଣୀ ମନ୍ଦିରରୁ ସୀତାରାମଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଫଟୋଗ୍ରାଫର ଆସୋସିଏଶନର ବ୍ରଜକିଶୋର ମହାପାତ୍ର, ନବକିଶୋର ବାରିକ, ମୁନା ଜାଲି, ସୌମ୍ୟରଞ୍ଜନ ନାୟକ, ସେକ୍ ଅସଫୋକ୍ ଅହମ୍ମଦ ପ୍ରମୁଖ ସାମିଲ ଥିଲେ।

# ମା’ ବାଟ ଭୁଆସୁଣୀଙ୍କ ନିକଟରେ ବାଦୀପାଲା, ରାମ ନାଟକ

ଜଟଣୀ,୧।୧୧(ଡି.ଏନ.ଏ.):

ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ମା’ ବାଟ ଭୁଆସୁଣୀଙ୍କ ପ୍ରାଙ୍ଗଣରେ ବାଦୀ ପାଲା ଓ ରାମ ନାଟକ ଅନୁଷ୍ଠିତ ହୋଇଯାଇଛି। ୧୬ ନମ୍ବର ଜାତୀୟ ରାଜପଥ ମା’ ଭୁଆସୁଣିଙ୍କ ପ୍ରାଙ୍ଗଣରେ ୨୦ ତାରିଖଠାରୁ ୨୯ ତାରିଖ ପର୍ଯ୍ୟନ୍ତ ପାଲା ପରିବେଷଣ କରାଯାଇଥିଲା। ଏଥିରେ ଚାରି ଦଳ ପାଲାକାରମାନେ ଭାଗ ନେଇଥିଲେ। ୨୦ରୁ ୨୪ ତାରିଖ ଗାୟକ ଭାସ୍କର ନିରଞ୍ଜନ ବାହିନୀପତି, ଗାୟକ ବାଣୀ ବିନୋଦ ପ୍ରସନ୍ନ କୁମାର ପଟ୍ଟନାୟକ ପାଲା ପରିବେଷଣ କରିଥିଲେ। ସେହିପରି ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଗାୟକ ଅରୁଣ ଚକ୍ରଧର ବାରିକ, ଗାୟକ ବାଗୀଶ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ମଧ୍ୟରେ ବାଲୀ ପାଲା ହୋଇଥିଲା। ଏଥିସହ ମଙ୍ଗଳବାର ରାତିରେ ରାମ ନାଟକରେ ଲବ କୁଶ ପରିବେଷଣ କରାଯାଇଥିଲା। ଏଥିରେ ବାଲୁଙ୍କେଶ୍ୱର ନାଟ୍ୟ ପରିଷଦ ଗୁରୁ ରତ୍ନାକରଙ୍କ ନିର୍ଦ୍ଦେଶନାରେ ସୁନାଖଳାର ରାମ ବିଲ ଗାଁର କଳାକାରମାନେ ନାଟକ ପରିବେଷଣ କରିଥିଲେ। ଏହାକୁ ଦେଖିବା ପାଇଁ ୧୧ ଦିନ ଯାକ ଆଖ ପାଖ ଅଞ୍ଚଳର ଲୋକଙ୍କ ଗହଳି ପରିଲକ୍ଷିତ ହୋଇଥିଲେ।

### ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ,୧।୧୧:

ଖୋର୍ଦ୍ଧା ପୁସ୍ତକ ମେଳା ଚଳିତ ମାସ ୮ ତାରିଖରୁ ଆରମ୍ଭ ହୋଇ ୧୪ରେ ଶେଷ ହେବ। ଏହି ଅବସରରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଗୀତା ଭବନ ପରିସରରେ ଆବାହକ ନରେନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୫୦ଟି ପ୍ରକାଶନୀ ସଂସ୍ଥା ଯୋଗ ଦେବେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଲୋଚନା ଚକ୍ର ଓ କବି ସମ୍ମିଳନୀ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟହ ସନ୍ଧ୍ୟାରେ ଚିତ୍ରାଙ୍କନ, ରଚନା, କବିତା, ତର୍କ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ହେବ। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ବୈକୁଣ୍ଠ ନାଥ ରାଜଗୁରୁ, ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଭୀମସେନ ପ୍ରଧାନ, ଧୀର ନନ୍ଦ, ଗୋପାଳ ଦାସ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

# ଯନ୍ତ୍ରୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

■ ଥାନାର ଦ୍ୱାରସ୍ଥ ହେଲେ ମହିଳା କର୍ମଚାରୀ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗର ଜଣେ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ଏହି ଅଭିଯୋଗ କରିଛନ୍ତି ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ। ଏ ନେଇ ସେ ଗୁରୁବାର ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସହକାରୀ ଯନ୍ତ୍ରୀଙ୍କ ନାମରେ ହୋଇଥିବା ଅଭିଯୋଗ ସମ୍ପର୍କରେ ଜାଣିବା ଲାଗି ତାଙ୍କ କାର୍ଯ୍ୟାଳୟକୁ ଆମ ପ୍ରତିନିଧି ଯାଇଥିଲେ ମଧ ତାଙ୍କ ସହିତ ଯୋଗାଯୋଗ ହୋଇପାରି ନ ଥିଲା। ତେବେ ଉକ୍ତ କାର୍ଯ୍ୟାଳୟର କେତେଜଣ କର୍ମଚାରୀ କହିଛନ୍ତି ଯେ, ସହକାରୀ ଯନ୍ତ୍ରୀ ଜଣକ କେତେକ ବେଆଇନ ଠିକା କାମ ବିରୋଧରେ ସ୍ୱର ଉଠାଇଥିଲେ। ଏପରି କି ନିମ୍ନମାନର କାମ ପାଇଁ କେତେଜଣ ଠିକାଦାରଙ୍କ ବିଲ୍ ବନ୍ଦ କରିବା ସହ କଡା କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଫଳରେ ଉକ୍ତ ଠିକାଦାରମାନେ ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ମହିଳାଙ୍କୁ ପ୍ରବର୍ତ୍ତାଇ ସହକାରୀ ଯନ୍ତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ମହିଳା ଥାନା ଅଧିକାରୀ ଇମନ କଲ୍ୟାଣ ନାୟକ କହିଛନ୍ତି, ଅଭିଯୋଗ ପାଇବା ପରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସହକାରୀ ଯନ୍ତ୍ରୀଙ୍କୁ ଥାନାକୁ ଡକାଇ ପଚରାଉଚରା କରାଯାଇଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

# ବିଜୁ ଯୁବ ବାହିନୀର ମୁଁ ହିରୋ କାର୍ଯ୍ୟକ୍ରମ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ବୋଲଗଡ଼,୧।୧୧(ଡି.ଏନ.ଏ.)

ବୋଲଗଡ଼ ବ୍ଲକ୍ ବାଙ୍କୋଇଦେଶ ପଞ୍ଚାୟତ ଠାରେ ଗୁରୁବାର ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ସାମାଜିକ କର୍ମୀ ବିରଞ୍ଚି ପାଇକରାୟ ସଭାପତିତ୍ୱ କରିଥିଲେ। ପଞ୍ଚାୟତର ବିଜୁ ଯୁବବାହିନୀର ସଦସ୍ୟା/ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ କାଳୀଚରଣ ଜୟସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଫତେସିଂହ, ସମିତି ସଭ୍ୟା ପ୍ରଭାତୀ ରାଉତରାୟ, ବିଜୁ ଯୁବବାହିନୀର ସଂଯୋଜକ ଦିଲୀପ ପାଇକରାୟ ଓ ପଞ୍ଚାୟତ ସଭାପତି ସୁରେଖ ଛୋଟରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଯୁବ ବାହିନୀର ଲକ୍ଷ୍ୟ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଣପୁରରେ ଖାଉଟିକାର୍ଡ ବଣ୍ଟନ

ଖୋର୍ଦ୍ଧା ଅଫିସ,୧।୧୧:

ବାଣପୁର ଐତିହାସିକ ପଲଟନ ପଡିଆସ୍ଥିତ ଛାୟାମଣ୍ଡପ ଠାରେ ବାଣପୁର ବ୍ଲକର ପ୍ରତି ପଞ୍ଚାୟତରୁ ଦୁଇ ଜଣ ଲେଖାଏଁ ହିତାଧିକାରୀମାନଙ୍କୁ ଗୁରୁବାର ରାଜ୍ୟ ସରକାରଙ୍କର ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି କାର୍ଡ ବଣ୍ଟନ କରାଯାଇଛି। ଏଥିରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖାଉଟି କାର୍ଡ ବଣ୍ଟନ କରିଛନ୍ତି । ଯେଉଁମାନେ ଏଥିରୁ ବଞ୍ଚିତ ହୋଇଛନ୍ତି ପରବର୍ତ୍ତୀ ସମୟରେ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯାଇ ଏଥିରେ ସାମିଲ କରାଯିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚିଲିକା ବିଧାୟକ ବିଭୂତିଭୂଷଣ ହରିଚନ୍ଦନ, ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ, ଉପଜିଲାପାଳ ସରୋଜ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ରଞ୍ଜିତା ସେଠୀ, ଉପାଧକ୍ଷ ଅଜୟ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଶଶିଭୂଷଣ ବେହେରା ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରୁଛନ୍ତି ।

# ବେଆଇନ ପଥର ଖଣି ଉପରେ ନାହିଁ କଟକଣା

ବେଗୁନିଆ,୧।୧୧ (ଡି.ଏନ.ଏ.)

**ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା, ବଢୁଛି ଦୁର୍ଘଟଣା**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଦିନକୁଦିନ ବେଆଇନ ମାଙ୍କଡା ଖଣିଖାଦାନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାକୁ ଜିଲା ଓ ତହସିଲ ପ୍ରଶାସନ ପକ୍ଷରୁ ନୀରବତା ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଗତ ୧୦ ମାସ ହେଲା ଚଢାଉ ହେଉ ନ ଥିବା ଏକ ଅନୁସନ୍ଧାନରୁ ଜଣାପଡିଛି। ବିଶେଷକରି କିଛିଦିନ ହେଲା ଏଠାରେ ନୂତନ ତହସିଲଦାର ଯୋଗ ଦେଇଥିବା ଯୋଗୁ ମାଫିଆମାନେ ଆତଙ୍କ ବୃଦ୍ଧି କରିବାକୁ ସୁଯୋଗ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ମାଫିଆମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦ ଯୋଗୁ ଅନେକ ସ୍ଥାନରେ ଅଞ୍ଚଳବାସୀ ଛନ୍ଦି ହୋଇପଡୁଛନ୍ତି। ସେହିପରି ବେଆଇନ ମାଙ୍କଡା ବୋଝେଇ ଗାଡି ଦ୍ରୁତ ଚାଳନା ଯୋଗୁ ଦୁର୍ଘଟଣା ମଧ ବଢି ଚାଲିଛି। ଗତ ୧୦ ମାସ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ପ୍ରାୟ ୬ରୁ ଊର୍ଦ୍ଧ୍ୱ ବୋଲି ଏକ ସର୍ବେକ୍ଷଣରୁ ଜଣାପଡିଛି। ବିଶେଷ କରି କେଉଁଠି ଖଣି ପାଇଁ ଗଣ୍ଡଗୋଳ ପୁଣି ହତ୍ୟା ତ ଆଉ କେଉଁଠି ପୋଡାଜଳା, ବୋମାମାଡ ଆଦି ଘଟୁଛି। ଏପରି କି ଶତ୍ରୁତା ସର୍ବଦା ଲାଗି ରହୁଛି। ଖଣି ଖନନରୁ ନିର୍ଗତ ହେଉଥିବା ଧୂଳିକଣା ଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଏଥିଯୋଗୁ ସର୍ବଦା ଲୋକେ ଦୁର୍ଦ୍ଦଶା ଭୋଗିବା ସହ ଖଣିରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ବନ୍ଦହୋଇ ପଡିଥିବା ବହୁ ମାଙ୍କଡା ଖଣିକୁ ତହସିଲ ପ୍ରଶାସନ ନିଲାମ ଦେଉ ନ ଥିଲେ ମଧ ସେଥିରୁ ବେଆଇନ ଭାବେ ଯନ୍ତ୍ର ଲଗାଇ ଖନନ କାର୍ଯ୍ୟ ଜାରି ରହିଛି। ଖଣି ନିଲାମ ନ ଦେଇ ପ୍ରଶାସନିକ ଅଧିକାରୀମାନେ ମୁଣ୍ଡରୁ ବୋଝ ଖସାଇ ଦେଉଥିବାବେଳେ ଭିତିରି ସମ୍ପର୍କ ନେଇ ବେଶ୍ ଲାଭ ଉଠାଉଛନ୍ତି। ଅଭିଯୋଗ କିମ୍ବା ଚାପ ପଡିଲେ ଜିଲା ପ୍ରଶାସନ ଓ ତହସିଲ ପକ୍ଷରୁ ନାମକୁ ମାତ୍ର ଚଢାଉ କରାଯାଉଛି। ଏସବୁ ଲାଗି ବିବାଦ ତୀବ୍ର ହେଉଥିବାବେଳେ ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ସେହିପରି ଏହି ଅଞ୍ଚଳରେ ଥିବା ଶ୍ରୀମନ୍ଦିର ପ୍ରଶାସନର ଜମି ଅନେକ ସ୍ଥାନରେ ମାଫିଆମାନେ ଖନନ କରି କ୍ୱୋରି କରି ସାରିଲେଣି।



ଛିମା ଗ୍ରାମରେ ରହିଥିବା ପଥର ଖଣି।

ବେଗୁନିଆ ତହସିଲ ଅଧୀନରେ ସିକୋ, ବାଘମାରୀ, ବେଗୁନିଆ ଓ କୁରାଡିଲୋ ଆରଆଇ ସର୍କଲ ରହିଛି। ସେଥିମଧ୍ୟରୁ କୁରାଡିଲୋ ଆରଆଇ ସର୍କଲକୁ ଛାଡି ଦେଲେ ଅନ୍ୟ ୩ ଆରଆଇ ସର୍କଲରେ ଗତ ୨୦୧୭ ମସିହା ପୂର୍ବରୁ ୭ ଶହ ଡେସିମିଲ ପଥର ଖଣି ରହିଥିଲା। ଏବେ ତାହା ପ୍ରସାରିତ ହୋଇ ପ୍ରାୟ ୧୨ ଶହ ଡେସିମିଲରୁ ଊର୍ଦ୍ଧ୍ୱ ହେଲାଣି। ବିଶେଷ କରି ଡିଙ୍ଗର, ରାଉତପଡା, ବରପଦା, ବିଞ୍ଝଣି, ଗୌଡିଆପଡା, କୋତଲାଙ୍ଗ, ଛିମା, ଡାଳତୋଳା, ଲୋକିପୁର, ନିଆଁମୁହାଁ ଆଦି ଅଞ୍ଚଳରେ ପଥର ଖଣି ରହିଛି। ଅନ୍ୟପକ୍ଷରେ ୩ ଶହରୁ ଊର୍ଦ୍ଧ୍ୱ ଡେସିମିଲର ମୃତ ପଥର ଓ ମୋରମ ଖଣି ମାଫିଆମାନେ ବେଆଇନ ଖନନ ପରେ ଛାଡି ଦେଇଛନ୍ତି। ଏହା ଅଞ୍ଚଳବାସୀଙ୍କ ଜୀବନ ପ୍ରତି ବିପଦ ସାଜିଛି। ରାସ୍ତା କଡରେ ରହିଥିବା ଏହି ଖୋଲା ଖଣି ଯୋଗୁ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡା କୁହନ୍ତି, ମୁଁ ଏବେ ନୂତନ ଦାୟିତ୍ୱ ନେବା ପରେ ବେଆଇନ ଖଣି ଖାଦାନ ଉପରେ ଚଢାଉ ଜାରି ରଖିଛି।



ଯେ କୌଣସି ବ୍ୟକ୍ତି ବା ଜାତି ଅନ୍ୟକୁ ଘୃଣାକରି ତିଷ୍ଠି ରହି ନ ପାରେ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ୪୦ହଜାର ଟଙ୍କା ସହ ଜଳିଗଲା ଆସବାବପତ୍ର

**ସାକ୍ଷୀଗୋପାଳ, ୧।୧୧(ଡି.ଏନ୍.ଏ.):** କାଦୁଆ ଗ୍ରାମପଞ୍ଚାୟତ ଭଟ୍ଟପୁର ବେହେରାସାହିରେ ବୁଧବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡରେ ପ୍ରହ୍ଲାଦ ବେହେରାଙ୍କର ୨ବଖରା ଭସ୍ମୀଭୂତ ହୋଇଛି। ସମସ୍ତେ ନିଘୋଡ଼ ନିଦରେ ଶୋଇଥିବା ବେଳେ ହଠାତ ଘରେ ନିଆଁ ଲାଗିଯାଇଥିଲା। ନିଦ ଭାଙ୍ଗିବା ବେଳକୁ ନିଆଁରେ ସବୁ ପୋଡିଯାଇଥିଲା। ନିଜ ଜୀବନ ବଞ୍ଚାଇ ସେମାନେ ଘରୁ ବାହାରକୁ ପଳାଇ ଆସିଥିଲେ। ମାତ୍ର ଘରେ ରଖିଥିବା ନଗଦ ୪୦ ହଜାର ଟଙ୍କା ସହ ସାଇକେଲ, ଲୁଗାପଟା, ବାସନକୁସନ ଓ ସମସ୍ତ ଗୃହୋପକରଣ ଚାହୁଁଚାହୁଁ ପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ସାକ୍ଷୀଗୋପାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ସରପଞ୍ଚ ସୁବାଷ ଚନ୍ଦ୍ର ମହାପାତ୍ର, ସମିତିସଭ୍ୟା ବୀନତି ପରିଡା, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ସମାଜିକ କର୍ମୀ ଶଙ୍କର ପ୍ରଧାନ, ସୁରେଶ କୁମାର ସାହୁ, ଏଲ୍ଆଣ୍ଡଟି ନିର୍ମାଣ ସଂସ୍ଥାର ପ୍ରଦୋଷ ଖୁଣ୍ଟିଆ ଓ କମଳାକାନ୍ତ ସାମଲ ପ୍ରମୁଖ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ଜରିପାଲ, ଚୁଡା, ଚିନି, ବିସ୍କୁଟ, ବସ୍ତ୍ର ଓ ରନ୍ଧାଖାଦ୍ୟ ଯୋଗାଇ ଦେଇଛନ୍ତି। କ୍ଷୟକ୍ଷତିର ଆକଳନ କରିବାପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି।

### ହସ୍ପିଟାଲରେ ୨ ହବିଷିଆଳି
#### ଜଣେ ଘରକୁ ଫେରିଗଲେ

**ପୁରୀ ଅଫିସ, ୧।୧୧:** ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ୪ଟି ଆଶ୍ରୟସ୍ଥଳରେ ରହି ହବିଷିଆଳିମାନେ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ତେବେ ଏହି ହବିଷିଆଳିଙ୍କ ମଧ୍ୟରୁ ଗୁରୁବାର ୨ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଜଣେ ଘରକୁ ଫେରିଯାଇଛନ୍ତି। ସୂଚନା ମୁତାବକ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା କଟକ ଜିଲା ତିଗିରିଆର ଓସ୍କା ବାରିକ(୬୨) ଏବଂ ପୁରୀ ଜିଲା ଡେଲାଙ୍ଗର ହାରାମଣି ସାହୁ(୭୯) ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଓସ୍କାଙ୍କର ଝାଡ଼ାବାନ୍ତି ହେଉଥିବା ବେଳେ ହାରାମଣି ଜ୍ୱରରେ ପୀଡ଼ିତ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ଏହି ଆଶ୍ରୟସ୍ଥଳରୁ ଜଣେ ହବିଷିଆଳି ପାରିବାରିକ ସମସ୍ୟା ଯୋଗୁ ଘରକୁ ଫେରିଛନ୍ତି। ତାଙ୍କ ପରିଚୟ ଜଣାପଡି ନାହିଁ।

### ସିପିଏମ୍‌ର ଜିଲା କାର୍ଯ୍ୟକାରିଣୀ

**ପୁରୀ ଅଫିସ, ୧।୧୧:** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ପୁରୀ ଜିଲା କାର୍ଯ୍ୟକାରିଣୀ ବୈଠକ ଜିଲା କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିପିଏମ୍ ନେତା ତଥା ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ ଏଥିରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ ପୂର୍ବତନ ସମ୍ପାଦକ ଜନାର୍ଦ୍ଦନ ପତି, ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ରାଫାଲ, ସିବିଆଇ ଦୁର୍ନୀତି ଏବଂ ରାଜ୍ୟର ଜନବିରୋଧୀ ନୀତି ବିରୋଧରେ ଆଗାମୀ ଦିନରେ ୩୦ ଜିଲାରେ ପ୍ରତିବାଦ ସଭା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ନଭେମ୍ବର ୯ରୁ ଏହି ଅଭିଯାନ ଆରମ୍ଭ ହେବ। ବୈଠକରେ ପୁରୀ ଜିଲା ସମ୍ପାଦକ ଭୀମସେନ ସ୍ୱାଇଁ, ଜଗନ୍ନାଥ ଦେଓ, ଭାଗୀରଥି ବେହେରା, ଉମାକାନ୍ତ ଜେନା, ଜଗବନ୍ଧୁ ସେନାପତି, ବନବାସିନୀ ମହାପାତ୍ର, ଷ୍ଟାଲିନ ପାଇକରାୟ, ବିଦ୍ୟାଧର ଦଳାଇ, ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଉନ୍ନୟନମୂଳକ କାର୍ଯ୍ୟ ଠପ୍: ବିଧାୟକଙ୍କ ଉଦ୍‌ବେଗ

**ଗୋପ, ୧।୧୧(ଡି.ଏନ୍.ଏ.):** ଗୋପ ବ୍ଲକରେ ଦିନକୁ ଦିନ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଉଥିବାବେଳେ ବ୍ଲକରେ ବିଭିନ୍ନ ପଦପଦବୀ ଖାଲି ପଡ଼ିଛି। ଏଥିସହ ଜନସାଧାରଣ ଯେଉଁଭଳି ସୁବିଧା ସୁଯୋଗ ପାଇବା କଥା ସେଭଳି ପାଇପାରୁ ନ ଥିବା ବିଧାୟକ ସମୀର ରଞ୍ଜନ ଦାଶ ଗୋପ ବ୍ଲକ ପରିସର ମଧ୍ୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। କିଛି ବି ସମସ୍ୟା ଦେଖାଦିଏ ତେବେ ସିଧାସଳଖ ତାଙ୍କ ସହ ଯୋଗାଯୋଗ କରିବାକୁ ଉପସ୍ଥିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ■ ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ପ୍ରସଙ୍ଗ
# ଆଜିଠୁ ଅସ୍ତରଙ୍ଗ, ଦେବୀ ମୁହାଣରେ ମାଛଧରା ବନ୍ଦ

**କାକଟପୁର, ୧।୧୧(ଡି.ଏନ୍.ଏ.)**

ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ଋତୁ ଆରମ୍ଭ ହୋଇଯାଇଛି। ଏମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାରଠାରୁ ଅସ୍ତରଙ୍ଗ ଓ ଦେବୀ ମୁହାଣ ଅଞ୍ଚଳରେ ମାଛଧରା ଉପରେ କଟକଣା ଜାରି କରିଛନ୍ତି ରାଜ୍ୟ ସରକାର।

ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ସୁବାସ ନାୟକଙ୍କ ସୂଚନା ଅନୁସାରେ ନଭେମ୍ବର ୧ତାରିଖଠାରୁ ମେ ୩୦ତାରିଖ ପର୍ଯ୍ୟନ୍ତ ଦେବୀ ମୁହାଣ ଅଞ୍ଚଳରେ ମାଛଧରା ଉପରେ ନିଷେଧାଦେଶ ଜାରି କରାଯାଇଛି। ଓଡ଼ିଶା ସରକାରଙ୍କ ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ଆଇନ ଅନୁଯାୟୀ ଅସ୍ତରଙ୍ଗ ସମୁଦ୍ର ଉପକୂଳଠାରୁ ୫କି.ମି. ଦୂରତା ମଧ୍ୟରେ କୌଣସି ଟ୍ରଲର ଚଳାଚଳ କରିପାରିବ ନାହିଁ। ସେହିପରି ଦେବୀ ମୁହାଣଠାରୁ ୨୦କି.ମି. ଭିତରେ ସମୁଦ୍ରରେ ଟ୍ରଲର, ଟାପା ମାଧ୍ୟମରେ ମାଛଧରା ହୋଇପାରିବ ନାହିଁ। ଏହାକୁ ଅବମାନନା କଲେ ଓମ୍‌ଫ୍ରା ଆଇନ ଅନୁସାରେ ଟ୍ରଲର, ଟାପାକୁ ଜବତ କରାଯାଇ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ ଏବଂ ଧରାଯାଇଥିବା ମାଛ ଓ କଙ୍କଡ଼ା ସବୁକୁ ନିଲାମ କରାଯିବ। ଅସ୍ତରଙ୍ଗ ସମୁଦ୍ର ଉପକୂଳରେ କେବଳ ପାରମ୍ପରିକ ମତ୍ସ୍ୟଜୀବୀମାନେ ଡଙ୍ଗାରେ ମାଛ ଧରିପାରିବେ କିନ୍ତୁ ରିଙ୍ଗ୍ ଜାଲ, ଗିଲ ଜାଲ ବ୍ୟବହାର କରିପାରିବେ ନାହିଁ। ମାଛଧରା କଟକଣା ସଫଳ କରିବାକୁ ମତ୍ସ୍ୟବିଭାଗ, ପୋଲିସ ଓ ଅସ୍ତରଙ୍ଗ ବନବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ ଆରମ୍ଭ କରିବାକୁ ପ୍ରସ୍ତୁତି ଚାଲିଥିବାବେଳେ ଦେବୀ ମୁହାଣ, ନାଶି, ଗଙ୍ଗାଦେବୀ, ଜାହାନିଆଁ, ଡାଲୁଅକଣିରେ ବନବିଭାଗ ପକ୍ଷରୁ ଅନ୍‌ସୋର କ୍ୟାମ୍ପ ନିର୍ମାଣ ଚାଲିଛି। ଏହି କ୍ୟାମ୍ପରେ ବିଭାଗୀୟ କର୍ମଚାରୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କଇଁଛମାନଙ୍କ ସୁରକ୍ଷା କାର୍ଯ୍ୟର ତଦାରଖ କରିବା ସହିତ ବେଳାଭୂମି ବାଲିରୁ ଅଣ୍ଡା ସଂଗ୍ରହ କରି ହ୍ୟାଚେରୀରେ ସଂରକ୍ଷିତ ରଖିବେ ବୋଲି ରେଞ୍ଜର ନାୟକ କହିଛନ୍ତି।



କଟକଣା ଯୋଗୁ ନୂଆଗଡ଼ ଜେଟିଠାରେ ଟ୍ରଲରଗୁଡ଼ିକ ଅଟକି ରହିଛି।

## ଶ୍ରୀମନ୍ଦିର ପରିସରରୁ ହଟୁନି ପଲିଥିନ
### ■ ବାରଣ କଲା ମନ୍ଦିର ପ୍ରଶାସନ

**ପୁରୀ ଅଫିସ, ୧।୧୧**



ଗୁରୁବାରଠାରୁ ରାଜ୍ୟ ସରକାର ପୁରୀ ସମେତ ୬ଟି ସହରରେ ପଲିଥିନ ବ୍ୟବହାର ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି। ଏହାକୁ ଉଲ୍ଲଂଘନ କଲେ ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି କଟକଣାକୁ ଶ୍ରୀମନ୍ଦିର ପରିସରରେ ଖୋଲାଖୋଲି ଭାବେ ଉଲ୍ଲଂଘନ ହେଉଛି। ଏବେ ବି ଶ୍ରୀମନ୍ଦିର ପରିସରରେ ମାଳ ମାଳ ପଲିଥିନ ବ୍ୟବହାର କରାଯାଉଛି। ଗୁରୁବାର ଶ୍ରୀମନ୍ଦିର ସୁପରଭାଇଜର ଆନନ୍ଦ ବଜାର ସମେତ ମନ୍ଦିର ପରିସର ବିଭିନ୍ନ ସ୍ଥାନକୁ ଯାଇ ପଲିଥିନ ବ୍ୟବହାର ନ କରିବା ଲାଗି କହିଥିଲେ।

ଶ୍ରୀମନ୍ଦିରର ପରମ୍ପରା ସ୍ୱତନ୍ତ୍ର। ପୂର୍ବରୁ ଏଠାରେ କୌଣସି ପ୍ରକାର ପ୍ଲାଷ୍ଟିକ୍, ପଲିଥିନ ବ୍ୟବହାର କରାଯାଉ ନ ଥିଲା। କୁଡୁଆରେ ଶ୍ରଦ୍ଧାଳୁ ମହାପ୍ରସାଦ ନେଉଥିବା ବେଳେ ତାଳପତ୍ର ଭୋଗେଇରେ ଶୁଖିଲା ଭୋଗ ଆଦି ନେଉଥିଲେ। ଧୀରେ ଧୀରେ କୁଡୁଆ ଆଉ ଭୋଗେଇର ସ୍ଥାନ ନେଲା ପଲିଥିନ। ସବୁ ଜିନିଷ ନେବା ଆଣିବାରେ ଏହାକୁ ବ୍ୟବହାର କରାଗଲା। ଏପରି କି ମହାପ୍ରଭୁଙ୍କ ମହାପ୍ରସାଦ ମଧ୍ୟ ପଲିଥିନରେ ଗଲା। ଶ୍ରୀମନ୍ଦିରରେ ପଲିଥିନର ଏମିତି ବହୁଳ ବ୍ୟବହାର ଚାଲିଥିବା ବେଳେ ଆଇକନିକ୍ ସିଟି ଯୋଜନାରେ ସାମିଲ ହୋଇଥିଲା ଶ୍ରୀମନ୍ଦିର। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଶ୍ରୀମନ୍ଦିର ପରିସର ଏବଂ ଏହାର ଚତୁଃପାର୍ଶ୍ୱ ୫୦୦ ମିଟର ପର୍ଯ୍ୟନ୍ତ ସ୍ୱଚ୍ଛ ଓ ପରିମଳ ରଖିବା। ଏଥିପାଇଁ ପଦକ୍ଷେପ ମଧ୍ୟ ଆରମ୍ଭ ହୋଇଥିଲା। ହେଲେ କାହାର ଆନ୍ତରିକତା ନ ଥିବାରୁ ଶ୍ରୀମନ୍ଦିରର ପରିମଳ ବ୍ୟବସ୍ଥାରେ କୌଣସି ସୁଧାର ଆସି ନ ଥିଲା। ସେହିପରି ପଲିଥିନମୁକ୍ତ ଶ୍ରୀମନ୍ଦିର ପାଇଁ ବିଭିନ୍ନ ସମୟରେ ଆଲୋଚନା କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ଫଳପ୍ରଦ ହୋଇପାରିନାହିଁ। ଏ ସମ୍ପର୍କରେ ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ୟାମସୁନ୍ଦର ମହାପାତ୍ର କୁହନ୍ତି, ପୁରୀ ସହରରେ ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇଛି। ଶ୍ରୀମନ୍ଦିର ଭିତରେ ଚଢ଼ାଉ କରିବାର ଅଧିକାର ଆମର ନାହିଁ। ଶ୍ରୀମନ୍ଦିରକୁ ପଲିଥିନମୁକ୍ତ କରିବା ଲାଗି ମନ୍ଦିର ପ୍ରଶାସନକୁ ଆମେ ଅନୁରୋଧ କରିଛୁ। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଏ ନେଇ ସଚେତନ କରାଯାଇଥିଲା। ଗୁରୁବାର ମଧ୍ୟ ମନ୍ଦିର ସୁପରଭାଇଜର ଆନନ୍ଦବଜାର ସମେତ ବିଭିନ୍ନ ସ୍ଥାନ ବୁଲି ପଲିଥିନ ବ୍ୟବହାର କରିବାକୁ ବାରଣ କରିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ପୁରୀ ପୌରସଂସ୍ଥା ୪ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ୨ଟି ସ୍କ୍ୱାଡ୍ ଗଠନ କରିଛି। ଏହି ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୫ କିଗ୍ରା ପଲିଥିନ ଜବତ କରିବା ସହ ୮,୦୦୦ ଟଙ୍କା ଜରିମାନା ଆଦାୟ କରିଛି।



ପୁରୀ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ■ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ
# ବିକାଶରେ ଦୁର୍ନୀତି ବାଧକ

**ପୁରୀ ଅଫିସ, ୧।୧୧**

■ ଶିକ୍ଷାର ଘରୋଇକରଣ ଦାୟୀ
■ ଇ ଗଭର୍ନାନ୍ସର ସୁଯୋଗ ନିଅ

ବିକାଶରେ ଦୁର୍ନୀତି ବାଧକ ସାଜିଛି। ଦୁର୍ନୀତିର ଚେର ଗୋଟିଏ ଜାତି ଅଥବା ଦେଶରେ ସୀମିତ ନୁହଁ, ବରଂ ଏହା ସମଗ୍ର ବିଶ୍ୱକୁ କବଳିତ କରିଛି। ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୁରୀ ଦୁର୍ନୀତି ନିବାରଣ ପୁରୀ ଶାଖାର ମିଳିତ ଆନୁକୂଲ୍ୟରେ ସଦ୍‌ଭାବନା ଗୃହରେ ଆୟୋଜିତ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଦୁର୍ନୀତି ଦୂରୀକରଣ-ନବ ଭାରତ ନିର୍ମାଣ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୁବନେଶ୍ୱର ଦୁର୍ନୀତି ନିବାରଣ ଶାଖାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ ପାତ୍ର କହିଛନ୍ତି।

ଦୁର୍ନୀତି ନିବାରଣ ପୁରୀ ଶାଖା ଉପ ଆରକ୍ଷୀ ଅଧୀକ୍ଷକ ହର ନାରାୟଣ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ପାତ୍ର କହିଲେ ଯେ, ବିଶ୍ୱରେ ଜଗତୀକରଣ, ଘରୋଇ କରଣ, ବଜାରୀକରଣ ପ୍ରଭାବରେ ଅଧିକାଂଶ ବ୍ୟକ୍ତି ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। କିପରି ଆଗକୁ ବଢ଼ିବେ, ସେଥିଲାଗି ମାନବିକତାକୁ ଭୁଲି ଯାଉଛନ୍ତି। ଶିକ୍ଷାର ଘରୋଇକରଣ ଏଥିଲାଗି ଦାୟୀ ବୋଲି ସେ କହିଥିଲେ।

ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ସମ୍ମାନିତ ଅତିଥି ଉପଜିଲାପାଳ ଭବତାରଣ ସାହୁ ଯୋଗ ଦେଇଥିଲେ। ଦୁର୍ନୀତି ନିବାରଣ ନିରୀକ୍ଷକ ମଦନ ପ୍ରଧାନ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସମ୍ପର୍କରେ କହିଥିଲେ। ସାମାଜିକ କର୍ମୀ ରୁଦ୍ର ନାରାୟଣ ସିଂ, ବଦ୍ରି ମିଶ୍ର, ନାରାୟଣ ନନ୍ଦ, ହରପ୍ରିୟା ସାହୁ, ମାୟାଧର ମହାରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କୋଣାର୍କ ବିକାଶ ପାଇଁ କଂଗ୍ରେସର ଦାବିପତ୍ର

**କୋଣାର୍କ, ୧।୧୧(ଡି.ଏନ୍.ଏ.):** କୋଣାର୍କର ବହୁବିଧ ଉନ୍ନତି ନିମନ୍ତେ କୋଣାର୍କ ନଗର କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ପୁରୀ ଜିଲାପାଳଙ୍କୁ ୬ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବି ଅନୁଯାୟୀ, କୋଣାର୍କ ମେଡ଼ିକାଲରେ ସ୍ଥାୟୀ ଡାକ୍ତର ନିଯୁକ୍ତି ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦାବି, ଭଗବତୀ ମହାବିଦ୍ୟାଳୟ ନାମରେ ସ୍ଥାୟୀ ଜମି ପ୍ରଦାନ ଆଦି ୬ଦଫା ଦାବି ଅର୍ନ୍ତଭୁକ୍ତ। କାକଟପୁର ନିର୍ବାଚନମଣ୍ଡଳୀର ଯୁବ ନେତା ତଥା ପିସିସି ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସଙ୍କ ନେତୃତ୍ୱରେ ନଗର କଂଗ୍ରେସ କମିଟି ସଭାପତି ଭରତ ଚନ୍ଦ୍ର ପାଢ଼ୀ, ପୂର୍ବତନ କାଉନସିଲର ଉପେନ୍ଦ୍ର କାଣ୍ଡି, ବିଜୟ କୁମାର ନନ୍ଦି, ଯୁବନେତା ସ୍ୱାଧୀନ ନାୟକ, ପୂର୍ବତନ ଉପନଗରପାଳ ସୁବୋଧ ଖଟୁଆ ପ୍ରମୁଖ ଜିଲାପାଳ ଜ୍ୟୋତିପ୍ରକାଶ ଦାଶଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ୨୫ଦିନ ମଧ୍ୟରେ କାକଟପୁର ନିର୍ବାଚନମଣ୍ଡଳୀ ଓ କୋଣାର୍କ ଏନଏସିରେ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ନେଇ ବ୍ୟାପକ ସଚେତନତା କରାଯିବ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଜରୁରୀ ବୈଠକ

**କଣାସ, ୧।୧୧(ସ୍ୱ.ପ୍ର.)**

ସମ୍ମିଳିତ ପୁରୀ-ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଏକ ବୈଠକ ପୁରୀ ନୃସିଂହମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସର ନେଇଥିବା କର୍ମଚାରୀମାନଙ୍କୁ ସେମାନଙ୍କର ସମସ୍ତ ବକେୟା ପ୍ରାପ୍ୟ ତୁରନ୍ତ ଦେବାପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବାକୁ ସଭାରେ ସ୍ଥିର କରାଯାଇଥିଲା। ପୂର୍ବରୁ ବ୍ୟାଙ୍କର ପରିଚାଳନା ପରିଷଦ ଅବସର ପ୍ରାପ୍ତ କର୍ମଚାରୀମାନଙ୍କୁ ସେମାନଙ୍କର ସମସ୍ତ ଆଇନ ଅନୁମୋଦିତ ବକେୟା ପ୍ରାପ୍ୟ ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବ୍ୟାଙ୍କ ସମ୍ପାଦକ ନୀରବ ରହୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରକାଶ ଯେ, ଏହି କର୍ମଚାରୀମାନଙ୍କୁ ଦୀର୍ଘ ବର୍ଷ ଧରି ଅବସରକାଳୀନ ବକେୟା ପ୍ରାପ୍ୟ ଯଥା ଗ୍ରାଚ୍ୟୁଟି, ଲିଭ୍ ସାଲାରି, ବକେୟା ଦରମା, ବକେୟା ଇନ୍‌କ୍ରିମେଣ୍ଟ ଏବଂ ସିକୁରିଟ୍ ଇତ୍ୟାଦି ଦିଆଯାଇନାହିଁ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏତାଦୃଶ କାର୍ଯ୍ୟର ପ୍ରତିବାଦରେ ଆସନ୍ତା ୧୯ତାରିଖରେ ବ୍ୟାଙ୍କର ମୁଖ୍ୟକାର୍ଯ୍ୟାଳୟ ସମ୍ମୁଖରେ ଏହି କର୍ମଚାରୀମାନେ ଦାବିପୂରଣ ପର୍ଯ୍ୟନ୍ତ ଧାରଣା ଦେବାପାଇଁ ନିଷ୍ପତ୍ତି ହୋଇଛି।

# ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ବାଲୁଖଣ୍ଡ ଅଭୟାରଣ୍ୟ

**ପୁରୀ ଅଫିସ, ୧।୧୧**

ପୁରୀ-କୋଣାର୍କ ମେରାଇନ ରୋଡ କଡ଼ରେ ରହିଛି ବାଲୁଖଣ୍ଡ ଅଭୟାରଣ୍ୟ। ଫୁଲପାଟଣା ଚେକ୍ ଗେଟ୍‌ରେ ଟିକେଟ୍ କାଟି ପର୍ଯ୍ୟଟକମାନେ ବାଲୁଖଣ୍ଡ ଅଭୟାରଣ୍ୟ ଭିତରକୁ ଯାଇଥାନ୍ତି। ଅଭୟାରଣ୍ୟ ସଂଲଗ୍ନ ବେଳାଭୂମି ଓ ଅନ୍ୟାନ୍ୟ ସ୍ଥାନ ବୁଲିଥାନ୍ତି। ଗତ ଲଗାଣ ବର୍ଷାରେ ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କ ପାଇଁ ଯିବାକୁ ଥିବା ରାସ୍ତା ଧୋଇ ହୋଇ ନଷ୍ଟ ହୋଇଯାଇଥିଲା। ତେଣୁ ଗତ ୨ ମାସ ହେଲା ଅଭୟାରଣ୍ୟ ଭିତରକୁ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ଗୁରୁବାର ଫୁଲପାଟଣା ଚେକ୍ ଗେଟ୍ ଦେଇ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ଭିତରକୁ ଛଡାଯାଇଛି। ପର୍ଯ୍ୟଟକମାନେ ଏଠାରେ ହରିଣ ଦେଖିବା ସହ ସମୁଦ୍ର ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିଛନ୍ତି। ପ୍ରତି ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ଶୁଳ୍କ ୪୦ ଟଙ୍କା ରହିଥିବା ବେଳେ ୧୦ଜଣିଆ ଦଳରେ ଆସିଲେ ଜଣ ପିଛା ୨୫ ଟଙ୍କା ଦେବାକୁ ପଡୁଛି। ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ୨୦ ଟଙ୍କା ଏବଂ ୧୦ ଜଣିଆରୁ ଉର୍ଦ୍ଧ୍ୱ ଗ୍ରୁପ୍ ହୋଇ ଆସିଲେ ଜଣପିଛା ୧୦ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଛି। ସେହିପରି ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ୪୦ ଟଙ୍କା ଧାର୍ଯ୍ୟ କରାଯାଇଛି।

### ପର୍ଯ୍ୟଟକଙ୍କୁ ଟାଣୁଛି ପ୍ରକୃତି ନିବାସ

ପର୍ଯ୍ୟଟନ ସହର ପୁରୀ। ଏଠାକୁ ଆସୁଥିବା ପର୍ଯ୍ୟଟକ ଶ୍ରୀମନ୍ଦିର, ବେଳାଭୂମି ଦେଖିବା ସହ ସହରର ବିଭିନ୍ନ ହୋଟେଲରେ ରହିଥାନ୍ତି। ପର୍ଯ୍ୟଟକଙ୍କୁ ପ୍ରାକୃତିକ ପରିବେଶ ଭିତରେ ରଖାଇ ଏକ ନିଆରା ଅନୁଭୂତି ଦେବା ଲାଗି ପ୍ରୟାସ କରିଛି ଜଙ୍ଗଲ ବିଭାଗ। ୧ ବର୍ଷ ହେଲା ବାଲୁଖଣ୍ଡ ଅଭୟାରଣ୍ୟରେ ଆରମ୍ଭ ହୋଇଛି ପ୍ରକୃତି ନିବାସ। ପ୍ରାଥମିକ ପର୍ଯ୍ୟାୟରେ ୬ଟି ଶୀତତାପ ନିୟନ୍ତ୍ରିତ ତମ୍ବୁରେ ପର୍ଯ୍ୟଟକ ଜଙ୍ଗଲରେ ରାତି ବିତାଇ ହରିଣ ଦେଖିବା ସହ ଟ୍ରାକିଂ ସୁବିଧା ପାଉଥିଲେ। ଏହାସହିତ ସମୁଦ୍ର ସ୍ନାନର ମଜା ଉଠାଉଥିଲେ। ଏଥିପ୍ରତି ପର୍ଯ୍ୟଟକ ଆକୃଷ୍ଟ ହେବା ପରେ ଜଙ୍ଗଲ ବିଭାଗ ଏ ଦିଗରେ ଆଉ ପାଦେ ଆଗକୁ ବଢ଼ିଛି। ତମ୍ବୁ ସଂଖ୍ୟା ବୃଦ୍ଧି କରି ୧୦ରେ ପହଞ୍ଚାଇଛି। ଏହାସହିତ ନୂଆନଇରେ ବୋଟିଂ କରିବାର ସୁବିଧା ମଧ୍ୟ ଉପଲବ୍ଧ ହେଉଛି।



ବାଲୁଖଣ୍ଡ ଅଭୟାରଣ୍ୟ ଖୋଲିବା ପରେ ପର୍ଯ୍ୟଟକମାନେ ବୁଲିବାକୁ ଯାଉଛନ୍ତି।

## ପିପିଲିରେ ବେଆଇନ ବାଣ କାରଖାନା ଠାବ

**ପିପିଲି, ୧।୧୧(ଡି.ଏନ୍.ଏ.):** ଜୟପୁର ଶାସନ ଗ୍ରାମରେ ଗୁରୁବାର ପିପିଲି ପୋଲିସ ବେଆଇନ୍ ବାଣ କାରଖାନା ଉପରେ ଚଢ଼ାଉ କରିବିପୁଳ ପରିମାଣର ବାଣ ତିଆରି ସାମଗ୍ରୀ ଜବତ୍ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଫେରାର୍ ହୋଇଯାଇଛନ୍ତି। ଆଇଆଇସି ଶରତ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଜୟପୁର ଗ୍ରାମର ରବିନ୍ଦ୍ର ସାହୁଙ୍କ ଘର ଉପରେ ଅଚାନକ ଚଢ଼ାଉ କରିଥିଲା। ଜବତ ସାମଗ୍ରୀ ଭିତରେ ବିପୁଳ ପରିମାଣର ବାରୁଦ ସହ ବାଣ ପ୍ରସ୍ତୁତ ପାଇଁ ବ୍ୟବହୃତ କେମିକାଲ, ସୁତୁଲି ଆଦି ଜବତ କରିଥିଲା। ଜବତ ସାମଗ୍ରୀକୁ ପୋଲିସ ଏକ ମିନି ଟ୍ରକରେ ଥାନାକୁ ଆଣିଛି। ଜବତ୍ ସାମଗ୍ରୀର ମୂଲ୍ୟ ପ୍ରାୟ ୭ଲକ୍ଷ ବୋଲି ଜଣାପଡ଼ିଛି।

# ଟିକିନାରେ ହେବ ସାମାଜିକ ନିରାପତ୍ତା କମ୍ପ୍ଲେକ୍ସ

**ପୁରୀ ଅଫିସ, ୧।୧୧**

■ ଖର୍ଚ୍ଚ ହେବ ୩୦ କୋଟି
■ ୨୫ ଏକର ଜମି ଚିହ୍ନଟ

ପୁରୀ ଜିଲାରେ ହେବ ସାମାଜିକ ନିରାପତ୍ତା କମ୍ପ୍ଲେକ୍ସ। ଏଥିଲାଗି ଜିଲାକୁ ୩୦ କୋଟି ଟଙ୍କା ଅନୁଦାନ ମିଳିଛି। ଏହି ପ୍ରକଳ୍ପ ପାଇଁ ଗୋପ ତହସିଲ ଅନ୍ତର୍ଗତ ଟିକିନା ମୌଜାରେ ଜମି ଚିହ୍ନଟ ହୋଇଛି। ଏହି ଜମି ବାଲୁଖଣ୍ଡ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ରହିଥିବାରୁ କମ୍ପ୍ଲେକ୍ସ ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବା ଜଣାପଡିଛି।

ଗୋଟିଏ ଛାତ ତଳେ ନିଶା ନିବାରଣ କେନ୍ଦ୍ର, ପୁନର୍ବାସ ଥଇଥାନ କେନ୍ଦ୍ର, କିନ୍ନରଙ୍କ ଲାଗି ଥଇଥାନ ଏବଂ ପ୍ରଶିକ୍ଷଣ କେନ୍ଦ୍ର, ଜରା ନିବାସ, ସ୍ୱତନ୍ତ୍ର ବିଦ୍ୟାଳୟ ଆଦି ରଖିବା ଲାଗି ସରକାର ସାମାଜିକ ନିରାପତ୍ତା କମ୍ପ୍ଲେକ୍ସ ନିର୍ମାଣର ଯୋଜନା କରିଛନ୍ତି। ସାମାଜିକ ସୁରକ୍ଷା ବିଭାଗ (ଏସ୍ଏସ୍‌ପିଡି) ପକ୍ଷରୁ ଏ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସରିଛି। ଏଥିଲାଗି ପୁରୀ ଜିଲା କାରାଗାର ନିକଟ ଗୋପ ତହସିଲର ଟିକିନା ମୌଜାରେ ୨୫ ଏକର ଜମି ଚିହ୍ନଟ ହୋଇଛି। ଏହି ପ୍ରକଳ୍ପ ପାଇଁ ୩୦ କୋଟି ଟଙ୍କାର ଅନୁଦାନ ମିଳିଛି। କୋଠା ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ସିପିଡବ୍ଲ୍ୟୁଡି ଏହି କାମ କରିବ ବୋଲି ଜଣାପଡିଛି। କିନ୍ତୁ ଚିହ୍ନଟ ଜମି ବାଲୁଖଣ୍ଡ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ରହିଛି। ଏହି ଅଞ୍ଚଳରେ ବାସଗୃହକୁ ଛାଡିଦେଲେ ବ୍ୟବସାୟିକ ଉଦ୍ଦେଶ୍ୟରେ କୌଣସି କୋଠା ନିର୍ମାଣ ହୋଇପାରିବ ନାହିଁ ବୋଲି ନିୟମାବଳୀ ରହିଛି। ତେଣୁ ଏହାର କାମ ଆଗେଇ ପାରୁ ନ ଥିବା ଜଣାପଡିଛି।

ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଅନୁଦାନ ଆସିଛି। କିନ୍ତୁ ଜମି ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ରହିଥିବାରୁ ସମସ୍ୟା ରହିଛି। ଏ ନେଇ ପୁରୀ ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କୁହନ୍ତି, ପରିବେଶ ସମ୍ବେଦନଶୀଳ ଅଞ୍ଚଳ ପାଇଁ ରହିଥିବା ଜିଲାସ୍ତରୀୟ ମନିଟରିଂ କମିଟିରେ ଉକ୍ତ ଜମିରେ ଏହି ପ୍ରକଳ୍ପ ନିର୍ମାଣ ଲାଗି ଅନୁମତି ଦିଆଯାଇଛି। ଜମିକୁ ନେଇ ରହିଥିବା ସମସ୍ୟା ଆଉ ନାହିଁ।

# ବାବୁ ଟିକେ ମିସ୍‌ଡ କଲ୍ କରିଦିଅନ୍ତ ନି

**ପୁରୀ ଅଫିସ, ୧।୧୧**

### ହବିଷିଆଳି ଆଶ୍ରୟସ୍ଥଳରୁ...



ହବିଷିଆଳିମାନେ ଫୋନ୍‌ରେ କଥା ହେବା ପାଇଁ ଚା' ବାଣ୍ଟୁଥିବା ଯୁବକଙ୍କୁ କହୁଛନ୍ତି।

ବାବୁ ଟିକେ ମିସ୍‌ଡ କଲ୍ କରିଦିଅନ୍ତ, ଘର ଲୋକଙ୍କ ସହ ଟିକେ କଥା ହୁଅନ୍ତି। ଗୁରୁବାର ପୌର କଲ୍ୟାଣମଣ୍ଡପ ପରିସର ଆଶ୍ରୟସ୍ଥଳରେ ଦୁଇଜଣ ହବିଷିଆଳି ହାତରେ କାଗଜ ଖଣ୍ଡେ ଲେଖା ଧରି ସହାୟତା କେନ୍ଦ୍ର ନିକଟରେ ପହଞ୍ଚିଥିଲେ। ଘର ଲୋକଙ୍କ ସହ କଥା ହେବା ଲାଗି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଗୁହାରି କରିଥିଲେ। ଶେଷରେ ଚା ପ୍ରଦାନ ଦାୟିତ୍ୱରେ ଥିବା ଜଣେ ଯୁବକ ହିଁ ତାଙ୍କ କଥା ଶୁଣି ଘର ଲୋକଙ୍କ ସହ କଥା କରାଇଥିଲେ।

ଅପରାହ୍ନ ପ୍ରାୟ ୫ଟା ୧୦। ହବିଷିଆଳିମାନେ ତୁଳସୀ ଚଉଁରା ମୂଳେ ଦୀପ ଜାଳି ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ। ଏହି ସମୟରେ ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ଦୁଇଜଣ ବ୍ରତଧାରୀ ରତନୀ ପାତ୍ର ଓ ଗନ୍ଧେଇ ପାତ୍ର ଆଶ୍ରୟସ୍ଥଳ ପରିସର ସହାୟତା କେନ୍ଦ୍ର ନିକଟରେ ପହଞ୍ଚିଥିଲେ। ଦୁଇଜଣଙ୍କ ହାତରେ ଦୁଇଖଣ୍ଡ କାଗଜ ଥିଲା। ସେମାନଙ୍କ ମଧ୍ୟରୁ ରତନୀ ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କ ପାଖକୁ କାଗଜଟିକୁ ବଢାଇ ଦେଇ ବାବୁ ଟିକେ ଘର ମୋବାଇଲକୁ ମିସ୍‌ଡ କଲ୍ କରିଦିଅନ୍ତ ନି, ମୁଁ ଘର ଲୋକଙ୍କ ସହ କଥା ହୋଇଥାନ୍ତି ବୋଲି କହିଥିଲେ। ହେଲେ ସମ୍ପୃକ୍ତ କର୍ମଚାରୀ ଜଣକ ତାଙ୍କୁ ମନା କରିଥିଲେ। ମୋର କାମ ଅଛି କହି ଅନ୍ୟ ଜଣେ ମହିଳା କର୍ମଚାରୀଙ୍କ ଆଡକୁ ଇସାରା ଦେଇଥିଲେ। ମହିଳା କର୍ମଚାରୀଙ୍କ ପାଖକୁ ହବିଷିଆଳି ଦୁଇଜଣ ଯିବା ପୂର୍ବରୁ ସେ ମନା କରି ଦେଇଥିଲେ। ଶେଷରେ ପରିସରରେ ଚା ବାଣ୍ଟୁଥିବା ଜଣେ ଯୁବକଙ୍କ ନିକଟରେ ପହଞ୍ଚିଥିଲେ ରତନୀ ଓ ଗନ୍ଧେଇ। ଯୁବକ ଜଣକ ସେମାନଙ୍କ ପାଖରୁ କାଗଜ ମାଗି ନେଇ ପରିବାରକୁ ଫୋନ କରି କଥା କରାଇଥିଲେ। ଶେଷରେ ଚା ବାଣ୍ଟୁଥିବା ଯୁବକଙ୍କୁ ଠାକୁର ତୋର ମଙ୍ଗଳ କରନ୍ତୁ ବୋଲି ଆଶୀର୍ବାଦ ଦେଇଥିଲେ।

ହବିଷିଆଳିଙ୍କ ଭଲ ମନ୍ଦ ବୁଝିବା ପାଇଁ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନେ ଯେଉଁଠି ସାମାନ୍ୟ ସହଯୋଗ ପାଇଁ କୁଣ୍ଠାବୋଧ କଲେ ସେଠି ଚା ବାଣ୍ଟୁଥିବା ଏହି ଯୁବକଙ୍କ ଉଦାରତାକୁ ପାଖରେ ଥିବା ହବିଷିଆଳି ବାହାବା କରିଥିଲେ। ଅନ୍ୟପକ୍ଷରେ ପ୍ରତି ଆଶ୍ରୟସ୍ଥଳରେ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ ପାଇଁ ସୁବିଧା କରାଯିବା ଆବଶ୍ୟକ ବୋଲି ଅନେକ ହବିଷିଆଳି ମତ ରଖିଥିଲେ। କାରଣ ଆଶ୍ରୟସ୍ଥଳରେ ରହୁଥିବା ବ୍ରତଧାରୀଙ୍କ ମଧ୍ୟରୁ ଅନେକ ପରିଣତ ବୟସରେ ପହଞ୍ଚିଥିବା ବେଳେ ଅନେକଙ୍କୁ ମୋବାଇଲ ଫୋନ ବ୍ୟବହାର ଜଣାନାହିଁ। ହେଲେ ଘରୁ ଆସିବା ବେଳେ ପୁଅ, ବୋହୂ, ନାତି, ନାତୁଣୀ କାଗଜଖଣ୍ଡରେ ଘର ମୋବାଇଲ ନମ୍ବର ଦେଇ ସେମାନଙ୍କୁ ଅନ୍ୟ ଫୋନରୁ ମିସ୍‌ଡ କଲ୍ କଲେ ସେମାନେ କଲ୍ କରିବେ ବୋଲି କହିଛନ୍ତି। ତେଣୁ ବ୍ରତଧାରୀ ଘର ନମ୍ବରକୁ ମିସ୍‌ଡ କଲ୍ କରିବା ପାଇଁ ବେଳେ ବେଳେ ଏମିତି ଅସୁବିଧାରେ ପଡୁଥିବା ଦେଖିବାକୁ ମିଳିଛି।